ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK | ପର୍ଯ୍ୟବେକ୍ଷକ

Vol.26 . No.53 Bhubaneswar Friday March 31 2023 | ୨୬ତମ ବର୍ଷ ସଂଖ୍ୟା-୫୩ ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୩୧, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ୧୦ ବର୍ଷ ତଳେ ରାମନବମୀରେ ବୁଡିଥିଲା ବଡଭାଇ, ଆଜି ବୁଡିଗଲା ସାନ



ଭୁବନେଶ୍ୱର,୩୦ ।୩(ପି.ଏନ): ଦଶ ବର୍ଷ ତଳେ ରାମନବମୀରେ ମହାନଦୀରେ ବୁଡି ପ୍ରାଣ ହରାଇଥିଲା ବଡଭାଇ। ଆଉ ଆଜି ସେହି ରାମନବମୀରେ ଗାଁ ପୋଖରୀରେ ବୁଡିଗଲା ସାନ ଭାଇ। ୧୦ ବର୍ଷ ମଧ୍ୟରେ ଦୁଇ ଦୁଇଟି ପୁଅଙ୍କୁ ହରାଇବା ପରେ ଭାଙ୍ଗି ପଡିଛି ପୂରା ପରିବାର। ଆଜି ଏପରି ଦୁଃଖଦ ଘଟଣା ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅଞ୍ଚଳରେ ଘଟିଛି। ସିମୁଳିଆ ଥାନା ମଇତାପୁର ପଞ୍ଚାୟତ ସିମୁଳିଆ ଗାଁର କୁନା ନାଥଙ୍କ ସାନ ପୁଅ ପରେଶ ଆଜି ମଧ୍ୟାହ୍ନରେ ପୋଖରୀକୁ ଶୌଚ ପାଇଁ ଯାଇଥିଲା। ହେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ଫେରିନଥିଲା। ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ। ମାତ୍ର ତା'ର ପତ୍ତା ପାଇନଥିଲେ। ତେବେ ପୋଖରୀ ପାଖରେ ପାଦ ଚିହ୍ନ ଦେଖି ସାହି ଲୋକଙ୍କ ସନ୍ଦେହ ବଢ଼ିଥିଲା।

## ୫ ଅପହରଣକାରୀଙ୍କୁ ଗିରଫ କଲା ସ୍ପେଶାଲ ସ୍କ୍ୱାର୍ଡ

ଭୁବନେଶ୍ୱର, ୩୦ ।୩(ପି.ଏନ): ଦେଢ଼ କୋଟି ଟଙ୍କା ଦାବିରେ ଅପହରଣ ଅଭିଯୋଗରେ କମିଶନରେଟ୍ ପୋଲିସ୍ ୫ ଜଣ ଅପହରଣକାରୀଙ୍କୁ ଗିରଫ କରିଛି। ଲକ୍ଷ୍ମୀସାଗର ଅଂଚଳରୁ ତିନି ଜଣଙ୍କୁ ଅପହରଣ ଘଟଣାରେ କମିଶନରେଟ୍ ପୋଲିସର ସ୍ପେଶାଲ ସ୍କ୍ୱାର୍ଡ ୫ ଜଣ ଅପହରଣକାରୀଙ୍କୁ ଗିରଫ କରିଛି। ଲକ୍ଷ୍ମୀସାଗର ଥାନା ଅଂଚଳର ମନୋଜ ମହାପାତ୍ର, ଜଣେ ବରିଷ୍ଠ ନାଗରିକ ଓ ଜଣେ ଅବସରପ୍ରାପ୍ତ ସିଭିଲ ସପ୍ଲାଏ ଅଫିସରଙ୍କୁ ଅପହରଣକାରୀମାନେ ଅପହରଣ କରିଥିଲେ ।ପୋଲିସ କହିଛି ମନୋଜ ଜଗନ୍ନାଥ ନଗରରେ ଏକ ଘର ନିର୍ମାଣ କରୁଥିଲେ। ଗତ ୨୪ ତାରିଖ ଘର କାମ ଦେଖିବାକୁ ଯାଇଥିଲେ। ହେଲେ ସେଦିନ ସେ ଆଉ ଫେରି ନଥିଲେ। ରାତିରେ ତାଙ୍କ ପତ୍ନୀଙ୍କ ନିକଟକୁ ଅପହରଣକାରୀମାନଙ୍କ ଫୋନ୍ କଲ ଆସିଥିଲା। ଦେଢ଼ କୋଟି ଟଙ୍କା ଦେଲେ ମନୋଜଙ୍କୁ ଛାଡିବେ ବୋଲି ଅପହରଣକାରୀମାନେ କହିଥିଲେ। ମନୋଜଙ୍କ ପତ୍ନୀ ତୁରନ୍ତ ଏନେଇ ଲକ୍ଷ୍ମୀସାଗର ଥାନାରେ ଜଣାଇଥିଲେ ।ଅଭିଯୋଗ ଆଧାରରେ ସ୍ପେଶାଲ ସ୍କ୍ୱାର୍ଡ ଓ ଲକ୍ଷ୍ମୀସାଗର ପୁଲିସ ତୁରନ୍ତ ଏକ ସ୍ୱତନ୍ତ୍ର ଟିମ ଗଠନ କରି ତଦନ୍ତ ଆରମ୍ଭ କରିଥିଲେ। ୨୪ ଘଂଟା ଭିତରେ ପୁଲିସ ଟିମ୍ ଜାଣିବାକୁ ପାଇଥିଲେ ଯେ ଅପହରଣକାରୀ ଉକ୍ତ ବୟସ୍କ ଲୋକଙ୍କୁ ଡେଲାଙ୍ଗ ଅଂଚଳରେ ରଖିଛନ୍ତି। ଏହା ପରେ ପୁଲିସ ଚଢ଼ଉ ଆରମ୍ଭ କରିଥିଲା । ହେଲେ ସେତେବେଳେ ଅପହରଣକାରୀମାନେ ଫେରାର ହେବାକୁ ସକ୍ଷମ ହେଇଥିଲେ। ପୁଲିସ ୨୪ ଘଂଟା ଭିତରେ ଅପହୃତଙ୍କୁ ଉଦ୍ଧାର କରିଥିଲା। ପୁଲିସ ଏହି ମାମଲାର ତଦନ୍ତ ଭିତରେ ଆଜି ୫ ଜଣ ଅପହରଣକାରୀଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି।

## ରାମନବମୀ ଶୋଭାଯାତ୍ରା ବେଳେ ଗୋଷ୍ଠୀ ସଂଘର୍ଷ, ବ୍ୟାପକ ପୋଡାଜଳା



ଭୁବନେଶ୍ୱର,୩୦ ।୩(ପି.ଏନ): ଆଜି ରାମନବମୀ ଉତ୍ସବ ମଧ୍ୟରେ ପଶ୍ଚିମବଙ୍ଗର ହାୱଡାରେ ବ୍ୟାପକ ହିଂସା ଉପୁଜିଛି। ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ବହୁ ପୋଡାଜଳା କ୍ଷୟକ୍ଷତି ହୋଇଛି। ଅନେକ ଗାଡିରେ ନିଆଁ ଲଗାଯିବା ସହ ପରସ୍ପରକୁ ପଥରମାଡ ହୋଇଛି। ଦୋକାନ ବଜାର ବ୍ୟାପକ ଭଙ୍ଗାରୁଜା ହେବା ସହ ଲୁଟ୍? ଓ ମାରପିଟ ହୋଇଛି। ହିଂସାକୁ ନିୟନ୍ତ୍ରଣ ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଛି। ରାମ ନବମୀ ଶୋଭାଯାତ୍ରା କାଜିପାରା ଅଞ୍ଚଳ ପାର ହେଉଥିଲା ବେଳେ ଏହି ହିଂସା ଉପୁଜିଥିଲା। ହିଂସା ସମୟରେ କିଛି ପୋଲିସ ଗାଡି ସମେତ ଅନେକ କାର ନଷ୍ଟ ହୋଇଛି। ଅରାଜକକାରୀଙ୍କୁ ଦମନ କରିବା ପାଇଁ ସୁରକ୍ଷା କର୍ମୀଙ୍କୁ ଲୁହବୁହା ଗ୍ୟାସଓ ଗୁଳି ଚଳାଇବାକୁ ପଡିଥିଲା ।କେନ୍ଦ୍ରର ନୀତି ବିରୋଧରେ କୋଲକାତାରେ ଦୁଇ ଦିନିଆ ବିକ୍ଷୋଭ ପ୍ରଦର୍ଶନ କରୁଥିବା ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି ଯେ ଦଙ୍ଗାକାରୀମାନେ ଦେଶର ଶତ୍ରୁ । ଆଜିର ହିଂସା ପଛରେ ଥିବା ଲୋକଙ୍କୁ ଛଡାଯିବ ନାହିଁ ବୋଲି ସେ କହିଛନ୍ତି। ଯେଉଁମାନେ ଆଜିର ହିଂସା ସହ ଜଡିତ ସେମାନଙ୍କୁ ରକ୍ଷା କରାଯିବ ନାହିଁ। ମୁଁ ଦଙ୍ଗାକାରୀଙ୍କୁ ସମର୍ଥନ କରେ ନାହିଁ ଏବଂ ସେମାନଙ୍କୁ ଦେଶର ଶତ୍ରୁ ବୋଲି ମନେ କରେ । ବିଜେପି ସର୍ବଦା ହାୱଡାକୁ ଟାର୍ଗେଟ କରିଛି। ସେମାନଙ୍କ ନିଶାନାରେ ପାର୍କ ସର୍କସ ଏବଂ ଇସଲାମପୁର ମଧ୍ୟ ରହିଛି । ସମସ୍ତେ ସତର୍କ ରହିବା ଆବଶ୍ୟକ ବୋଲି ସେ ଚେତାବନୀ ଦେଇଛନ୍ତି। ବିଜେପିର ବରିଷ୍ଠ ନେତା ଶୁଭେନ୍ଦୁ ଅଧିକାରୀ ଏହି ଅଭିଯୋଗକୁ ଅସ୍ୱୀକାର କରି ହିଂସା ପାଇଁ ଟିଏମସି ସରକାରଙ୍କୁ ଦାୟୀ କରିଛନ୍ତି। ହିଂସା ପାଇଁ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ପ୍ରଶାସନ ଦାୟୀ ବୋଲି ଶ୍ରୀ ଅଧିକାରୀ କହିଛନ୍ତି ।ଶୁଭେନ୍ଦୁ ଅଧିକାରୀ କହିଛନ୍ତି ଯେ ଯେଉଁମାନେ ସନାତନ ସଂସ୍କୃତିରେ ବିଶ୍ୱାସ କରନ୍ତି ସେମାନେ ରାମଙ୍କ ଜନ୍ମ ବାର୍ଷିକୀ ପାଳନ କରନ୍ତି । ସେ ଦିନ ଛୁଟି ଘୋଷଣା କରିବା ପରିବର୍ତ୍ତ ? ଏହା ମିଥ୍ୟା କହି ଟିଏମସି ବିରୋଧ କରିଛି। ତେବେ ଏହାପୂର୍ବରୁ ମମତା ବାନାର୍ଜୀ ଲୋକମାନଙ୍କୁ ଶାନ୍ତିପୂର୍ଣ୍ଣ ଭାବରେ ଶୋଭାଯାତ୍ରା କରିବାକୁ ଅନୁରୋଧ କରିଥିଲେ। ସେ କହିଥିଲେ ଯେ, ମୁଁ ଅନୁରୋଧ କରିବାକୁ ଚାହୁଁଛି ଯେଉଁମାନେ ଆଜି ରାମ ନବମୀ ପାଇଁ ଶୋଭାଯାତ୍ରା କରୁଛନ୍ତି, ଦୟାକରି ତାହା କରନ୍ତୁ, କିନ୍ତୁ ଶାନ୍ତିପୂର୍ଣ୍ଣ ଭାବରେ କରନ୍ତୁ। ହିଂସା ସୃଷ୍ଟି କରିବାକୁ ଚେଷ୍ଟା କରନ୍ତୁ ନାହିଁ। ଉତ୍ତ ?ଜିତ ହୁଅନ୍ତୁ ନାହିଁ। ଏହାସତ୍ତ୍ୱେ ପଶ୍ଚିମବଙ୍ଗରେ ଦଙ୍ଗା ସୃଷ୍ଟି ହୋଇଥିଲା। ସ୍ଥିତି ଉତ୍ତ ?ଜିତ ଥିବାରୁ ପୁଲିସ ପ୍ରଶାସନ ନିୟନ୍ତ୍ରଣ ପାଇଁ ଉଦ୍ୟମ କରିଛି।

## ରାମ ମନ୍ଦିରରେ ପ୍ରଭୁ ରାମଙ୍କ ଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୩୦ ।୩(ପି.ଏନ): ରାମ ନବମୀ ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱର ସ୍ଥିତ ରାମ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଟୁଇଟ୍ କରିଛନ୍ତି : ରାମ ନବମୀର ପବିତ୍ର ଅବସରରେ ଆମ ସମସ୍ତଙ୍କ ଆସ୍ଥାର କେନ୍ଦ୍ର ଭୁବନେଶ୍ୱର ସ୍ଥିତ ରାମ ମନ୍ଦିରରେ ପ୍ରଭୁ ଶ୍ରୀରାମ, ମାତା ସୀତା, ପ୍ରଭୁ ଲକ୍ଷ୍ମଣ ଏବଂ ପ୍ରଭୁ ହନୁମାନଙ୍କ ଦର୍ଶନ କରିବାର ସୌଭାଗ୍ୟ ଲାଭ କଲି। ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀ ରାମଙ୍କ ଆଦର୍ଶରେ ସମସ୍ତେ ଅନୁପ୍ରାଣିତ। ତାଙ୍କ ଶୁଭାଶୀର୍ବାଦ ସମସ୍ତଙ୍କ ଉପରେ ରହିଥାଉ, ଏହା ହିଁ କାମନା।

## ଏକ୍ସପାରୀ ଜିନିଷ ବିକ୍ରୀ କରାଯାଉଥିବା ଅଭିଯୋଗରେ ସପିଂ ମଲ୍ ରେ ଚଢ଼ଉ

କଟକ, ୩୦ ।୩(ପି.ଏନ): କଟକ ବାଦାମବାଡ଼ି ଅଂଚଳରେ ଏକ ସପିଂ ମଲ୍ ରେ ପୋଲିସ ପକ୍ଷରୁ ଚଢ଼ଉ କରାଯାଇଛି । ସମ୍ପୃକ୍ତ ସପିଂ ମଲ୍ ରେ ଏକ୍ସପାରୀ ଜିନିଷ ବିକ୍ରୀ କରାଯାଉଥିବା ଅଭିଯୋଗରେ ଚଢ଼ଉ ହୋଇଛି। ଚଢ଼ଉ ବେଳେ ସେଠାରୁ ପ୍ରାୟ ୫୦ ହଜାର ଟଙ୍କାର ସାମଗ୍ରୀ ଜବତ ହୋଇଛି । କଟକ ଜୋନ୍ -୬ ଏସିପିଙ୍କ ନେତୃତ୍ୱରେ ଏହି ଚଢ଼ଉ କରାଯାଇଛି । ବାଦାମବାଡ଼ି ଥାନା ଆଇଆଇସି କୌଣସି ସୂତ୍ରରୁ ଏ ସମ୍ପର୍କରେ ଖବର ପାଇଥିଲେ। ସେହି ଆଧାରରେ ଏଠାରେ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ସେଠାରେ ବିକ୍ରୀ କରାଯାଉଥିବା ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ୟାକେଟ୍ ରେ ଏକ୍ସପାରୀ ଡେଟ୍ ନଥିବା ଦେଖିବାକୁ ମିଳିଥିଲା । ପୋଲିସ ସେସବୁ ସାମଗ୍ରୀକୁ ଜବତ କରିଛି । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି ।

## ପୁଣି ଅଡୁଆରେ ରାହୁଲ ଗାନ୍ଧି, ମାନହାନି ମାମଲାରେ କୋର୍ଟ ନୋଟିସ୍



ନୂଆଦିଲ୍ଲୀ,୩୦ ।୩(ପି.ଏନ): ପୁଣି ହରଡଘଣାରେ ରାହୁଲ ଗାନ୍ଧି। ଗୋଟିଏ ପରେ ଗୋଟିଏ ବିପଦ ରାହୁଲ ଗାନ୍ଧିଙ୍କପିଛା ଛାଡୁନି। ଏକ ମାନହାନି ମାମଲାରେ ପାଟନାର ଏମ୍ ?ପି-ବିଧାୟକ କୋର୍ଟ ରାହୁଲଙ୍କୁ ଏପ୍ରିଲ ୧୨ରେ ହାଜର ହେବାକୁ ନୋଟିସ୍ କରିଛନ୍ତି। ୨୦୧୯ରେ ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ସଭା ସଦସ୍ୟ ସୁଶୀଲ କୁମାର ମୋଦି ଏମ୍ପି-ବିଧାୟକ କୋର୍ଟର ସ୍ୱତନ୍ତ୍ର ବିଚ୍ାରପତିଙ୍କ ନିକଟରେ ଏକ ଆବେଦନ କରିଥିଲେ। ଏହି ବିଷୟରେ ରାହୁଲଙ୍କୁ ତାଙ୍କ ବିବୃତ୍ତି ରେକର୍ଡ କରିବାକୁ ଡକାଯାଇଛି। ଏହି ମାମଲାରେ ରାହୁଲ ଜାମିନରେ ଅଛନ୍ତି। ସୁଶୀଲ କୁମାର ମୋଦିଙ୍କ ଓକିଲ ଏସଡି ସଞ୍ଜୟ କହିଛନ୍ତି ଯେ, ୨୦୧୯ରେ ପାଟଣାର ଏମ୍ପି-ବିଧାୟକ କୋର୍ଟରେ 'ମୋଦି ସରନେମ୍' ଉପରେ ଆପତ୍ତିଜନକ ମନ୍ତବ୍ୟ ପାଇଁ ଏକ ମାମଲା ରୁଜୁ ହୋଇଥିଲା। ସୂଚ୍ନାଯୋଗ୍ୟ, ଗୁରୁବାର ସୁରଟ କୋର୍ଟ ଏକ ମାନହାନୀ ମାମଲାରେ ରାହୁଲଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଶୁଣାଇବା ପରେ ଶୁକ୍ରବାର ଲୋକ ସଭା ସଚ୍ିବାଳୟ କଂଗ୍ରେସ ନେତା ରାହୁଲଙ୍କୁ ଲୋକ ସଭାରୁ ଅଯୋଗ୍ୟ ଘୋଷିତ କରିବା ସହ ତାଙ୍କ ସଦସ୍ୟତା ପଦ ରଦ୍ଦ କରିଥିଲେ। କେରଳର ୱାୟାନାଡରୁ ରାହୁଲ ଏମ୍ପି ଥିଲେ। ୨୦୧୯ରେ ଏହି କୋଲାରରେ 'ମୋଦି' ସାଙ୍ଗିଆକୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଥିଲେ ରାହୁଲ ।

## ବିଜୁଳି ବିଲ୍ ଆଦାୟ ନାଁରେ ଗୁଣ୍ଡାଗର୍ଦ୍ଦି: ଉପଭୋକ୍ତା ଲହୁଲୁହାଣ, ମୋବାଇଲ ଚୂରମାର







ଭୁବନେଶ୍ୱର,(ପି.ଏନ): ବିଜୁଳି ବିଲ୍ କଲେକ୍ସନ ନାଁରେ ଗୁଣ୍ଡରାଜ। ଜାଗମରା କ୍ରିଷ୍ଣା ଗାର୍ଡେନ ଆନେକ୍ସ ଆପାର୍ଟମେଣ୍ଟରେ ଜଣେ ଉପଭୋକ୍ତାଙ୍କୁ ବିଲ୍ ଆଦାୟ କରିବା ନାଁରେ Tpcodl କର୍ମଚ୍ାରୀ ମାଡ ମାରିଛନ୍ତି। ଆକ୍ରମଣରେ ତାଙ୍କ ପୁଅ ଲହୁଲୁହାଣ ମଧ୍ୟ ହୋଇଥିବା ଅଭିଯୋଗ ହୋଇଛି। ମାଡ ଖାଇଥିବା ଯୁବକ ଜଣଙ୍କ ଏନେଇ ଖଣ୍ଡଗିରି ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଆପାର୍ଟମେଣ୍ଟରେ ଲାଗିଥିବା ସିସିଟିଭିରେ ମଧ୍ୟ ମାରପିଟର ଦୃଶ୍ୟ କଏଦ ହୋଇଛି ।ଉପଭୋକ୍ତଙ୍କ ଅଭିଯୋଗ ଅନୁଯାୟୀ ଗତ ୨୮ ତାରିଖରେ ଝକ୍ତମକ୍ଟୟକ୍ଷର କିଛି କର୍ମଚ୍ାରୀ ବିଲ ମାଗିବାକୁ ଆସିଥିଲେ। ବିଲ୍ ?ରେ ତ୍ରୁଟି ଥିବା ଉପଭୋକ୍ତା ଜଣଙ୍କ କର୍ମଚ୍ାରୀମାନଙ୍କୁ କହିଥିଲେ। ହେଲେ ସେମାନେ କିଛି ବି ଶୁଣି ନଥିଲେ ଓ ବିଲ ବାବଦ ଟଙ୍କା ଦେବାକୁ କହିଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ସାମାନ୍ୟ ବଚ୍ସା ହୋଇଥିଲା ।ତେବେ ଘଟଣାର କିଛି ସମୟ ପରେ ୧୫ରୁ ୨୦ ଜଣ ଲୋକ ଆସି ପୁଣି ବକେୟା ବିଲ ମାଗିଥିଲେ। ଉପଭୋକ୍ତା ଜଣଙ୍କ ପୁଣି ସମାନ କଥା କହିଥିଲେ। ଏହାପରେ ସେମାନେ ତାଙ୍କ ଲାଇନ୍ କାଟି ଦେଇଥିଲେ। ଏଥିରେ ବରକ୍ତି ହୋଇ ଉପଭୋକ୍ତା ଜଣଙ୍କ କାହିଁକି ବିଜୁଳି କାଟିଲେ ବୋଲି ପ୍ରଶ୍ନ କରିଥିଲେ।

## ପୁଲିସ ପଞ୍ଝାରେ ରାଜଧାନୀର ବାଉନସର୍ ଗ୍ୟାଙ୍ଗ୍

ଭୁବନେଶ୍ୱର,୩୦ ।୩(ପି.ଏନ): ରାଜଧାନୀ ଭୁବନେଶ୍ୱରରେ ଦବଙ୍ଗଗିରି ଦେଖାଉଥିବା ବାଉନସର ଗ୍ୟାଙ୍ଗକୁ ଧରିଛି କମିଶନରେଟ ପୁଲିସ୍। ବିଭିନ୍ନ ବିବାଦୀୟ ଜମିକୁ ଅକ୍ତିଆର ପାଇଁ ଏହି ଗ୍ୟାଙ୍ଗର ସଦସ୍ୟମାନେ ନେଉଥିଲେ ସୁପାରୀ। ନୟାପଲ୍ଲୀ ଥାନା ଅଞ୍ଚଳରେ ୨ଟି ଦୋକାନ ଘର ଭାଙ୍ଗିବା ଓ ଗୁଣ୍ଡାଗର୍ଦ୍ଦି କରିବା ଅଭିଯୋଗରେ ଗ୍ୟାଙ୍ଗର ୭ ଜଣ ବାଉନସରଙ୍କୁ ପୁଲିସ୍ ଗିରଫ କରିବା ପରେ ଆସିଛି ସାଂଘାତିକ ତଥ୍ୟ। ଗତ ୨୪ ତାରିଖରେ ଗ୍ୟାଙ୍ଗ ସଦସ୍ୟ ମାନେ ସୁପାରୀ ନେଇ ସୁବାସ ଅଗ୍ରୱାଲ ଓ ପ୍ରଦୀପ ସାମଲ ନାମକ ଦୁଇ ବ୍ୟବସାୟୀଙ୍କ ଦୋକାନ ଭାଙ୍ଗିବା ସହ ଲୁଟପାଟ କରିଥିଲେ। ଜେସିବି ଲଗାଇ ସେମାନେ ଦୋକାନକୁ ମାଟିରେ ମିଶାଇ ଦେଇଥିଲେ। ଘଟଣାର ତଦନ୍ତ କରି ପୁଲିସ୍ ବାଉନସର ଗ୍ୟାଙ୍ଗର ୭ ଜଣଙ୍କୁ ଗିରଫ କରିଛି। ଗ୍ୟାଙ୍ଗର ମୁଖ୍ୟ ହେଉଛି ନକୁଳ ମହାକୁଡ। ତା' ନାଁରେ ଏକାଧିକ ମାମଲା ରହିଛି। ଏପରି କି ସେ ଜଣେ ପେଶାଗତ ଅପରାଧୀ ହୋଇଥିବାରୁ ତା' ନାଁରେ ଏନଏସଏ ମଧ୍ୟ ଲାଗିଥିଲା। କେବଳ ମହାକୁଡ ନୁହେଁ, ଗ୍ୟାଙ୍ଗର ଅନ୍ୟ ସଦସ୍ୟଙ୍କ ନାଁରେ ମଧ୍ୟ ଏକାଧିକ ଅପରାଧିକ ମାମଲା ରହିଥିବା ପୁଲିସ କହିଛି।

## ମଣିଷ ଦେହରେ ବାର୍ଡ ଫ୍ଲୁ ଲକ୍ଷଣ, ଏହି ଦେଶରେ ଚ୍ିହ୍ନଟ ହେଲା ପ୍ରଥମ କେସ୍



ନୂଆଦିଲ୍ଲୀ,୩୦ ।୩(ପି.ଏନ): କରୋନା ପରେ ଏବେ ମୁଣ୍ଡ ଟେକିଲାଣି ବାର୍ଡ ଫ୍ଲୁ ଭାଇରସ। ପୂର୍ବରୁ ଆମେରିକାର ଜଣେ ବ୍ୟକ୍ତିଙ୍କ ଦେହରେ ଏହି ଭାଇରାସ ଚ୍ିହ୍ନଟ ହୋଇଥିବା ବେଳେ ଏବେ ଚ୍ିଲିରେ ଦେଖା ଦେଇଛି ଏହି ଲକ୍ଷଣ । ପ୍ରଥମ ଥର ପାଇଁ ଚ୍ିଲିରେ ଜଣେ ମଣିଷଙ୍କ ଶରୀରରେ ବାର୍ଡ ଫ୍ଲୁ ଲକ୍ଷଣ ଚ୍ିହ୍ନଟ ହେବାରୁ ସମଗ୍ର ଦେଶରେ ଚ୍ାଞ୍ଚଲ୍ୟ ସୃଷ୍ଟି ହୋଇଛି। ଏହାପରେ ଚ୍ିଲି ସରକାର ଆଲର୍ଟ ହେବା ସହ ପରିସ୍ଥିତି ଉପରେ ତୀକ୍ଷଣ ନଜର ରଖିଛନ୍ତି ।ଚ୍ିଲି ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ମିଳିଥିବା ସୂଚ୍ନା ଅନୁଯାୟୀ, ବୁଧବାର ପ୍ରଥମେ ଏପରି ଏକ କେସ୍ ନଜରକୁ ଆସିଛି। ଏହି ବ୍ୟକ୍ତିଜଣକଙ୍କ ବୟସ ୫୩ ବର୍ଷ ବୋଲି ଜଣାଯାଇଛି। ତାଙ୍କ ଅବସ୍ଥା ସ୍ଥିର ରହିଛି। ତେବେ ତାଙ୍କୁ କିପରି ବାର୍ଡ ଫ୍ଲୁ ସଂକ୍ରମିତ କଲା ତାହା ସ୍ପଷ୍ଟ ହୋଇ ପାରି ନାହିଁ ।ଉକ୍ତ ବ୍ୟକ୍ତିଙ୍କ ସମ୍ପର୍କରେ ଆସିଥିବା ବ୍ୟକ୍ତିଙ୍କୁ ପ୍ରଶାସନ ତରଫରୁ ଚ୍ିହ୍ନଟ କରାଯାଇ ସେମାନଙ୍କ ପରୀକ୍ଷା କରାଯାଉଛି। ଚ୍ିଲିରେ ଗତବର୍ଷ ପଶୁପକ୍ଷୀଙ୍କ ମଧ୍ୟରେ ବାର୍ଡ ଫ୍ଲୁ ଲକ୍ଷଣ ଚ୍ିହ୍ନଟ ହୋଇଥିଲା। ହେଲେ ମଣିଷ ଶରୀରରେ ଚ୍ଳିତ ବର୍ଷ ଏହା ପ୍ରଥମ କେସ୍।

## ରାମନବମୀରେ କୂଅ ଛାତ ଭୁଶୁଡିବା ଘଟଣା: ୮ ମୃତ



ବାଲେଶ୍ୱର, ୩୦ ।୩(ପି.ଏନ): ଫଳରେ ୮ ଜଣଙ୍କର ମୃତ୍ୟୁ ଘଟିଛି। ଏଠାରେ ପୂଜା ଚ୍ାଲିଥିବା ବେଳେ ମନ୍ଦିରର ଭୂତଳ କୂଅର ଛାତ ଭୁଶୁଡି ପଡିବାରୁ ପ୍ରାୟ ୩୦ଜଣ ତଳକୁ ଖସିପଡିଥିଲେ। ଏହି ଘଟଣା ସହରର ସ୍ନେହା ନଗର ଅଞ୍ଚଳରେ ଥିବା ଶ୍ରୀ ବାଲେଶ୍ୱର ମନ୍ଦିରରେ ଘଟିଥିଲା। ମନ୍ଦିରରେ କୂଅ ଉପରେ ଛାତ ତିଆରି କରାଯାଇଥିଲା। ରାମ ନବମୀ ପାଇଁ ଅଧିକ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିବାରୁ ଏହି ଛାତ ଶ୍ରଦ୍ଧାଳୁଙ୍କ ଭାର ସହିନପାରି ଭୁଶୁଡିପଡିଥିଲା। ଏହା ଫଳରେ କୂଅର ଛାତ ଉପରେ ଥିବା ଶ୍ରଦ୍ଧାଳୁ ତଳକୁ ଖସି ପଡିଥିଲେ। ଏଯାଏଁ ୧୦ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଆହରୁ ଅନେକ ଲୋକ ଫଶି ରହିଥିବା କୁହାଯାଉଛି ।ସେମାନଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ ଜାରି ରହିଛି। ଦୁର୍ଘଟଣା ପରେ ମଧ୍ୟ ଅଗ୍ନିଶମ ବାହିନୀ, ଆମ୍ବୁଲାନ୍ସ ଦୀର୍ଘ ସମୟ ଧରି ଘଟଣାସ୍ଥଳରେ ପହଞ୍ଚିପାରି ନଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ କିଛି ଲୋକଙ୍କୁ ଉଦ୍ଧାର କରାଯାଇଥିଲା। ଆମ୍ବୁଲାନ୍ସ ପହଞ୍ଚିବା ପରେ ଉଦ୍ଧାର ହୋଇଥିବା ଲୋକଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଝାରସୁଗୁଡ଼ା ଉପନିର୍ବାଚନ : ବିଜେଡିର ବଡ଼ ବିଜୟ ହେବ : ଦେବୀ ମିଶ୍ର

ଭୁବନେଶ୍ୱର, ୩୦ ।୩(ପି.ଏନ): ଝାରସୁଗୁଡ଼ା ଉପନିର୍ବାଚନ ଲାଗି ତାରିଖ ଘୋଷଣା ପରେ ୩ ପ୍ରମୁଖ ଦଳ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ନିର୍ବାଚନର ଫଳାଫଳକୁ ନେଇ ବିଜେଡି ଉପସଭାପତି ଦେବୀ ମିଶ୍ର କହିଛନ୍ତି, ଝାରସୁଗୁଡ଼ା ଉପ ନିର୍ବାଚନରେ ବିଜେଡିର ବଡ଼ ବିଜୟ ହେବ। ଲୋକେ ମନସ୍ଥ କରି ସାରିଛନ୍ତି ବିଜେଡି ଭୋଟ ଦେବା ପାଇଁ। ଦ୍ୱିତୀୟ ସ୍ଥାନରେ ରହିବା ପାଇଁ ବିଜେପି ଓ କଂଗ୍ରେସ ମଧ୍ୟରେ ଲଢ଼େଇ ହେବ। ବିଜେଡିରୁ ପ୍ରାର୍ଥୀ କିଏ ହେବ ମୁଖ୍ୟମନ୍ତ୍ରୀ ନିଷ୍ପତି ନେବେ। କିନ୍ତୁ ଦୀପାଳୀ ବିଭନ୍ନ କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି। ତାଙ୍କ ବାପାଙ୍କ କାର୍ଯ୍ୟକ୍ରମ କରୁଛନ୍ତି , ବିରୋଧୀ ଯାହା ପ୍ରସଙ୍ଗ ଉଠାଇଲେ ବି ଲୋକ ନବୀନ ପଟ୍ଟନାୟକଙ୍କ ସହ ରହିବେ ।କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, କଂଗ୍ରେସ ସର୍ବପୁରାତନ ଦଳ। ସବୁ ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ଭୋଟ ଅଛି। ନିର୍ବାଚନ ଲଢ଼ିବା ପାଇଁ କଂଗ୍ରେସ ପ୍ରସ୍ତୁତ। ଝାରସୁଗୁଡ଼ା ହେଉଛି କଂଗ୍ରେସ ଦଖଲରେ ଥିବା ନିର୍ବାଚନ ମଣ୍ଡଳୀ କହିଲେ ଭୁଲ ହେବନି। କଂଗ୍ରେସକୁ ଲୋକେ ଫେରିବେ। ଆଇନଶୃଙ୍ଖଳାକୁ କଂଗ୍ରେସ ମୁଦ୍ଦା ହେବ। ଯେଉଁ ଦଳ ସରକାର ଲୋକଙ୍କୁ ସୁରକ୍ଷା ଦେଇପାରୁନାହାନ୍ତି ତାକୁ କିପରି ଲୋକେ ଭୋଟ ଦେବେ। ଦରଦାମ ବୃଦ୍ଧି, ଝାରସୁଗୁଡ଼ାରେ ପିଇବା ପାଣି ମିଳୁନି, ଏସବୁ କଥା ଲୋକଙ୍କ ପାଖରେ ପହଂଚିବା ଦରକାର। ଏହା ଫଳରେ କଂଗ୍ରେସ ଝାରସୁଗୁଡ଼ାରେ ଜିତିବ ।ସେହିପରି କଂଗେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ଝାରସୁଗୁଡ଼ାରେ କଂଗ୍ରେସର ସ୍ଥିତି ଭଲ ଅଛି। ପିସିସିଙ୍କ ଅଧ୍ୟକ୍ଷତାରେ ଗୋଟେ କମିଟି ଗଠନ ହୋଇଛି, ବିଧାନସଭା ସରିଲେ କମିଟିକୁ ନେଇକି ଯିବି। ୨୦୦୯ ଏବଂ ୨୦୧୪ ନିର୍ବାଚନରେ ନବ ଦାସ କଂଗ୍ରେସ ବିଧାୟକ ଥିଲେ, ଏବଂ ୨୦୧୯ରେ ସେ ବିଜେଡିକୁ ଯାଇଥିଲେ। ନବ ଦାସ ବିଜେଡି ଗଲାବେଳେ ତାଙ୍କ ସହ କଂଗ୍ରେସର ଯେତେ କର୍ମୀ ଥିଲେ ମୁନିସିପାଲିଟି ଏବଂ ବ୍ଲକରୁ ଆରମ୍ଭ କରି ସମସ୍ତଙ୍କୁ ସେ ବିଜେଡିକୁ ନେଇ ଯାଇଥିଲେ। ଏବେ ତାଙ୍କ ହତ୍ୟା ପରେ କର୍ମୀମାନଙ୍କ ଘର ବାହୁଡ଼ା ହେଉଛି। ଏହା ଫଳରେ ସେଠି କଂଗ୍ରେସର ସ୍ଥିତି ଭଲ ରହିବ। ଏପଟେ ପିସିସି ମଧ୍ୟ ସ୍ପଷ୍ଟ କରିଛନ୍ତି ଯିଏ ଜିତିପାରିବେ ଏବଂ ଯାହାକୁ କଂଗ୍ରେସ କର୍ମୀମାନେ ଚାହୁଁଥିବେ ତାଙ୍କୁ ହିଁ କଂଗ୍ରେସ ଟିକେଟ ଦିଆଯିବ ।ଠିକ୍ ସେହିପରି ବିଜେପି ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ବିଜେପିର ବରିଷ୍ଠ ପର୍ଯ୍ୟବେକ୍ଷକ ଟିମ୍ ୨ଦିନ ମଧ୍ୟରେ ଝାରସୁଗୁଡ଼ା ଯିବ ।କର୍ମକର୍ତା, ବିଜେପି ନେତୃତ୍ୱ, ଲୋକଙ୍କ ମତାମତ ପରେ ପ୍ରାର୍ଥୀ ଚୟନ କରାଯିବ। ନବ ଦାସଙ୍କ ହତ୍ୟା ପଛରେ କିଏ ତାହା ଝାରସୁଗୁଡ଼ାର ଘରେ ଘରେ ଚର୍ଚ୍ଚା ହେଉଛି। ଝାରସୁଗୁଡ଼ାରେ ସିମ୍ପାଥି କାମ ଦେବ ନାହିଁ । ସରକାରଙ୍କ ସବୁ ଚେଷ୍ଟା ପ୍ରତିହତ ହେବ, ବିଜେପି ସପକ୍ଷରେ ଜନମତ ଆସିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି।

## ୨୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୩୦ ।୩(ପି.ଏନ): ପଶ୍ଚିମା ଝଡ଼ ପ୍ରଭାବରେ ରାଜ୍ୟରେ ଗତ କିଛି ଦିନ ହେବ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଲାଗି ରହିଛି। ଆଜି ମଧ୍ୟ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ୨୫ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଘଡ଼ଘଡ଼ି, ବର୍ଷା ସହ ୪୦-୫୦ ବେଗରେ ପବନ ବହିବାର ସମ୍ଭାବନା ଥିବା କୁହାଯାଇଛି ।ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ କେନ୍ଦୁଝର, ମୟୁରଭଂଜ, ବାଲେଶ୍ୱର,ଭଦ୍ରକ, ଯାଜପୁର, ଢେଙ୍କାନାଳ, କେନ୍ଦ୍ରାପଡା, କଟକ, ଜଗତସିଂହପୁର ସୁବର୍ଣ୍ଣପୁର , ବଲାଙ୍ଗିର, ବୌଦ୍ଧ. ଅନୁଗୁଳ ଓ କନ୍ଧମାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଂଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିପାରେ। ଏହାସହ ପୁରୀ , ଖୋର୍ଦ୍ଧା, ନୟାଗଡ,ଗଂଜାମ, ଗଜପତି,ସମ୍ବଲପୁର, ସୁନ୍ଦରଗଡ, ବରଗଡ, ଦେବଗଡ ନୂଆପଡା ଓ ଝାରସୁଗୁଡା ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ହୋଇପାରେ। ଏଥିପାଇଁ ଏହି ସମସ୍ତ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍ରେ ରହୁଥିବା ଜଣେ ଦମ୍ପତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ଓ୍ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ଗୋଟିଏ ମୁର୍ମୁଙ୍କୁ ମୋହରା କରି କୋଟିଏ ଆଦିବାସୀଙ୍କୁ ପ୍ରତାରଣା



ଭୁବନେଶ୍ୱର (ପିଏନ୍)-ଦେଶରେ ଅନୁଷ୍ଠିତ ହେବାକୁ ଯାଉଥିବା ଆଗାମୀ ରାଷ୍ଟ୍ରପତି ନିର୍ବାଚନରେ ଏନଡିଏର ପ୍ରାର୍ଥୀ ଭାବରେ ବରିଷ୍ଠ ବିଜେପି ନେତ୍ରୀ ତଥା ପୂର୍ବତନ ଝାଡ଼ଖଣ୍ଡ ରାଜ୍ୟପାଳ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରାର୍ଥୀ କରାଯିବା ପରେ ମାଟି ଓ ପାର୍ଟିକୁ ନେଇ ଯେଉଁ ରାଜନୀତି ଉଭୟ ବିଜେପି ଓ ବିଜେଡ଼ି ଆରମ୍ଭ କରିଛନ୍ତି, ତାକୁ କଂଗ୍ରେସ ନାପସନ୍ଦ କରିବା ସହିତ ସରଳ ଆଦିବାସୀଙ୍କର ଭାବାବେଗ ସହିତ ନ ଖେଳି ତାଙ୍କର କଲ୍ୟାଣ ନିମନ୍ତେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛି। ଆଜିର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ଗଣମାଧ୍ୟମ ଆବାହକ ସତ୍ୟପ୍ରକାଶ ନାୟକ ଉଭୟ ବିଜେପି ଏବଂ ବିଜେଡ଼ିକୁ ଆଦିବାସୀ ସ୍ୱାର୍ଥବିରୋଧୀ ଦଳ ଭାବରେ ଅଭିହିତ କରିବା ସହିତ କଡ଼ା ସମାଲୋଚନା କରି କହିଛନ୍ତି ଯେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଯିଏକି ରାଜ୍ୟରେ ଆଦିବାସୀଙ୍କର ବିକାଶ ପାଇଁ ଗଠିତ ହୋଇଥିବା ଟ୍ରାଇବ୍ ଆଡଭାଇଜରି କାଉନ୍‌ସିଲ ବା ଆଦିବାସୀ ଉପଦେଷ୍ଟା ସମିତିର ଅଧ୍ୟକ୍ଷ ଥାଇ ମଧ୍ୟ ବିଗତ ୪ ବର୍ଷ ଭିତରେ ଥରୁଟିଏ ହେଲେ ବୈଠକ ଡାକିନାହାନ୍ତି ବା ଡାକିବାକୁ ଉପଯୁକ୍ତ ଭାବିନାହାନ୍ତି। ରାଷ୍ଟ୍ରପତି ନିର୍ବାଚନ ଏକ ରାଜନୈତିକ ପ୍ରକ୍ରିୟା ଏବଂ ଚଳିତ ନିର୍ବାଚନରେ ବିଜେପିର ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ବିଜେଡ଼ି ସମର୍ଥନ ଦେଉଛି। କିନ୍ତୁ ପାର୍ଟି ଓ ମାଟିର ନାରା ଦେଇ ରାଜ୍ୟର ଆଦିବାସୀଙ୍କ ସ୍ୱାର୍ଥରକ୍ଷାକୁ ଅଗ୍ରାଧିକାର ଦେବା ପରିବର୍ତ୍ତେ କଂଗ୍ରେସ ଉପରକୁ ଦୋଷ ଲଦିବା ଅତ୍ୟନ୍ତ ନିନ୍ଦନୀୟ। ପ୍ରାର୍ଥୀତ୍ୱକୁ ନେଇ କଂଗ୍ରେସକୁ ଅଯାଚିତ ଉପଦେଶ ଦେଉଥିବା ବିଜେପି ରାଜ୍ୟର ଏକକୋଟିରୁ ଊର୍ଦ୍ଧ୍ୱ ଆଦିବାସୀମାନଙ୍କର କଲ୍ୟାଣ ନିମନ୍ତେ ଟିଏସିର ବିନା ଅନୁମତିରେ କୋଟି କୋଟି ଟଙ୍କା ବେଆଇନ ଭାବରେ ଖର୍ଚ୍ଚ କରାଯିବାକୁ ନେଇ କାହିଁକି ପ୍ରଶ୍ନ ଉଠାଇନାହିଁ। ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ବିଜେପି ରାଜ୍ୟ ସଭାପତି ନବୀନବାବୁଙ୍କ ପାଖରେ ଟିଏସି ଗଠନ ଏବଂ ଏହାର ତୁରନ୍ତ ବୈଠକ ଡାକିବା ପାଇଁ ଦାବି ରଖିବ କି? ମାଟିର ପୁଅ ହିସାବରେ ମିଳିତ ବିରୋଧିଦଳର ପ୍ରାର୍ଥୀ ଯଶୋବନ୍ତ ସିହ୍ନାଙ୍କୁ ବିହାର ବିଜେପି ସମର୍ଥନ ଦେବ କି? ଓଡ଼ିଶାରେ ୨୦୧୯ ମସିହା ପରଠାରୁ ଟିଏସି ବା ଆଦିବାସୀ ଉପଦେଷ୍ଟା ସମିତି ଗଠନ କରାଯାଇନାହିଁ। ରାଜ୍ୟରେ ଏସ୍‌ଡିସି ବା ସ୍ପେଶାଲ ଡେଭଲପମେଂଟ କାଉନ୍‌ସିଲ ୯ଟି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ କାର୍ଯ୍ୟକରୁଥିବା ବେଳେ ଏହାର ଗଠନ ଏବଂ ପରିଚାଳନା ନେଇ ଟିଏସିର କୌଣସି ଅନୁମୋଦନ ନଥିବା ଅତ୍ୟନ୍ତ ପରିତାପର ବିଷୟ। ବିଗତ ୨୨ ବର୍ଷ ଭିତରେ ଓଡ଼ିଶାରେ ୪୪ଥର ଟିଏସିର ବୈଠକ ବସିବା କଥା; ମାତ୍ର ୧୭ ଥର ବୈଠକ ଅନୁଷ୍ଠିତ ହୋଇଛି। ଅର୍ଥାତ ୨୭ଟି ବୈଠକ ଏପର୍ଯ୍ୟନ୍ତ ବସିନାହିଁ। ରାଜ୍ୟରେ ଆଦିବାସୀଙ୍କ ସଂଖ୍ୟା ୨୨ ପ୍ରତିଶତ ଏବଂ ସର୍ବଭାରତୀୟ ସ୍ତରରେ ତୃତୀୟ ବୃହତମ ହୋଇଥିବା ବେଳେ ବିଗତ ଦୁଇବର୍ଷ ଧରି କେନ୍ଦ୍ର ମୋଦି ସରକାରଙ୍କର ଆଦିବାସୀମାନଙ୍କ ନିମନ୍ତେ ଆସୁଥିବା ସ୍ୱତନ୍ତ୍ର ଅନୁଦାନକୁ ବନ୍ଦ କରି ରଖାଯିବା କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ କରିଛି କଂଗ୍ରେସ। ମୋଦି ସରକାରଙ୍କ ଆଦିବାସୀମାରଣ ନୀତି ବିରୁଦ୍ଧରେ ରାଜ୍ୟ ବିଜେଡ଼ି ସ୍ୱରଉତୋଳନ କରିବା ସହିତ ବିଗତ ଦୁଇବର୍ଷ ଧରି ବନ୍ଦ ଥିବା ସ୍ୱତନ୍ତ୍ର ଅନୁଦାନ ପାଇଁ ମୋଦି ସରକାରଙ୍କ ପାଖରେ ଦାବି ରଖିବ କି? କଳିଙ୍ଗ ନଗର ଆଦିବାସୀ ନରସଂହାର ଘଟଣା ସମୟରେ ବିଜେପି-ବିଜେଡ଼ି ଗଠବନ୍ଧନ ସରକାରରେ ମନ୍ତ୍ରୀ ଥିବା ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ବିଧାନସଭାରେ ହୋଇଥିବା ଆଲୋଚନାରେ ଅଂଶଗ୍ରହଣ କରି ନ ଥିଲେ କି ଏ ସଂପର୍କରେ ପାଟି ଖୋଲି ନ ଥିଲେ। ବାସ୍ତବରେ ପାର୍ଟିର ଦ୍ୱାହି ଦେଇ ମାଟିକୁ ମାରା କରିଛନ୍ତି ଉଭୟ କ୍ଷମତାରେ ଥିବା ବିଜେପି ଓ ବିଜେଡ଼ି। ଓଡ଼ିଶାରେ ଜନସଂଖ୍ୟାର ୨୨ ପ୍ରତିଶତ ଆଦିବାସୀ ବିଗତ ୨୨ ବର୍ଷଧରି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି ଭଳି ଅନେକ କ୍ଷେତ୍ରରେ ପଛୁଆ ହୋଇ ରହିଛନ୍ତି। ଖୋଦ ଦ୍ରୌପଦୀ ମୁର୍ମୁଙ୍କ ଗାଁକୁ ୨୨ ବର୍ଷଧରି ବିଜୁଳି ସଂଯୋଗ ନଥିବା ପ୍ରମାଣିତ କରୁଛି ଯେ ଉଭୟ ବିଜେପି ଓ ବିଜେଡ଼ି ଆଦିବାସୀଙ୍କ ସ୍ୱାର୍ଥକୁ ନେଇ କେତେ ଗମ୍ଭୀର! ନିକଟରେ କେନ୍ଦୁଝର ଜିଲ୍ଲାପାଳଙ୍କୁ ଆଦିବାସୀ ଶୋଷଣ କାର୍ଯ୍ୟ ବିରୋଧରେ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଉପସ୍ଥିତ ହେବାପାଇଁ ସମନ ଏବଂ ତାକୁ ନେଇ ରାଜ୍ୟ ସରକାର କୋର୍ଟଙ୍କ ଦ୍ୱାରସ୍ଥ ହେବା ଆଦିବାସୀ ଶୋଷଣର ଆଉ ଏକ ନମୁନା। ଆଦିବାସୀଙ୍କ ନ୍ୟାଯ୍ୟ ଦାବି ଓ ଅଧିକାର ପାଇଁ ପ୍ରଦେଶ କଂଗ୍ରେସ ସବୁବେଳେ ଲଢ଼େଇ ପାଇଁ ପ୍ରସ୍ତୁତ ରହିଛି ଏବଂ ଏ କ୍ଷେତ୍ରରେ ହୀନ ରାଜନୀତିକୁ ପ୍ରଶ୍ରୟ ଦେବା ଉଚିତ ନୁହେଁ ବୋଲି ଶ୍ରୀ ନାୟକ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖପାତ୍ର ମନୋରଂଜନ ଦାଶ, ପ୍ରଶାନ୍ତ ଶତପଥି, ଗଣମାଧ୍ୟମ ସଂଯୋଜକ ଦୀପକ ମହାପାତ୍ର ଉପସ୍ଥିତ ଥିଲେ।

## ପିସିସି ପକ୍ଷରୁ ଉତ୍କଳମଣି ଗୋପବନ୍ଧୁଙ୍କ ଶ୍ରାଦ୍ଧ ଦିବସ ପାଳିତ

ଭୁବନେଶ୍ୱର (ପିଏନ୍- ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ସଭାପତି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ପିସିସି ପକ୍ଷରୁ ପାଳିତ ହୋଇଯାଇଛି। ସକାଳେ ଭୁବନେଶ୍ୱର ଗୋପବନ୍ଧୁ ଛକସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତିରେ ପିସିସି ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଗୋପବନ୍ଧୁଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଗତକାଲିର ଏହି କାର୍ଯ୍ୟକ୍ରମରେ ନିରଂଜନ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ମନୋରଂଜନ ଦାଶ, ଅମିୟ ପଟ୍ଟନାୟକ, ଚିନ୍ମୟ



ସୁନ୍ଦର ଦାସ, ଜୟକୃଷ୍ଣ ସୁବୁଦ୍ଧି, ସଂକୁନା କହଁର, ମିହିର ଆଚାର୍ଯ୍ୟ, ସଂଜୟ ମିଶ୍ର, ଜ୍ୟୋତିଷ ସାହୁ, ଦେବେନ୍ଦ୍ର ପ୍ରସାଦ ଦାସ, ଭାସ୍କର ଚନ୍ଦ୍ର ସେଠୀ, ଆଲୋକ ମହାନ୍ତି, କୁଳମଣି ସାହୁ ପ୍ରମୁଖ ଉପସ୍ଥିତ ରହି ଗୋପବନ୍ଧୁଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ।

## ପ୍ରଖ୍ୟାତ ଅବଧୂତ ଗୁରୁ ରଘୁବାବାଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୋ ପଞ୍ଚାୟତର ତ୍ରିଲୋଚନପୁର ଗ୍ରାମସ୍ଥିତ ଶ୍ରୀ ଶ୍ରୀ ସିଦ୍ଧ ଅକ୍ଷୟ ବଟ ମହାପୁରୁଷଙ୍କ ପୀଠସ୍ଥଳିରେ କେନ୍ଦ୍ରାପଡା ମାଟିର ଜଣେ ପ୍ରତିଷ୍ଠିତ ମହାଜ୍ଞାନୀ ଅବଧୂତ ବ୍ରହ୍ମଲୀନ ସନ୍ଥ ରଘୁବାବାଙ୍କର ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯାଇଛି। ଗୋପବନ୍ଧୁ ରାଉତଙ୍କ ପ୍ରଚେଷ୍ଟାରେ ଗ୍ରାମ ଏବଂ ଅଞ୍ଚଳର ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ସହଯୋଗରେ ଶିଳ୍ପୀ ଶ୍ରୀଧର ରାଉତଙ୍କ ଦ୍ୱାରା ଏହି ପ୍ରତିମୂର୍ତ୍ତି ନିର୍ମିତ ହୋଇଛି। ଗରାପୁର ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମର ଅଧକ୍ଷା ଶ୍ରୀମା ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଏହି ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା। ଏହି ପ୍ରତିମୂର୍ତ୍ତି ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଆନନ୍ଦମାର୍ଗର ଅବଧୂତ ସନ୍ଥ ବିକିଶାନନ୍ଦଙ୍କ ସହିତ ବ୍ରହ୍ମଚାରୀ ନୃସିଂହ ଦାସ ଏବଂ ଯଜ୍ଞାଚାର୍ଯ୍ୟ ପଣ୍ଡିତ ଗଗନ କୁମାର ଆଚାର୍ଯ୍ୟ ପୂଜାପାଠରେ ସହଯୋଗ କରିଥିଲେ। ପ୍ରତିଷ୍ଠା ଉତ୍ସବରେ ଗ୍ରାମବାସୀ ଓ ସେହି ଅଞ୍ଚଳର ଭକ୍ତ ବଳରାମ ରାଉତ, ବିଷ୍ଣୁ ସ୍ୱାଇଁ, ବିଷ୍ଣୁ ଯେନା, ପ୍ରକାଶ ପ୍ରଧାନ, ସାବିତ୍ରୀ ପରିଡା, ଅମ୍ବିକା ବେହେରା, ଚିତ୍ରସେନ ପାଳ, ଶତ୍ରୁଘନ ବିଶ୍ୱାଳ, ବୈକୁଣ୍ଠ ପ୍ରଧାନ, ରମେଶ ପ୍ରଧାନ, ନିତ୍ୟାନନ୍ଦ ରାଉତ, ଅକ୍ଷୟ ରାଉତ, ନିରଞ୍ଜନ ପ୍ରଧାନ, କାର୍ତ୍ତିକ ପ୍ରଧାନ, କୈଳାସ ପ୍ରଧାନ, ଗଗନ ସିଂ, ସଞ୍ଜୟ ବାରିକ, ଶ୍ୟାମସୁନ୍ଦର ପ୍ରଧାନ, ମୁଣି, ସାଣ୍ଟା, ମହେନ୍ଦ୍ର ପ୍ରମୁଖ ଭକ୍ତମାନେ ଯୋଗଦେଇ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ।

## ମନ୍ତ୍ରୀ ପ୍ରତାପ ଓ ଅତନୁଙ୍କୁ ଶୁଭେଚ୍ଛା ଜଣାଇଲେ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ମାନସ



କେନ୍ଦ୍ରାପଡ଼ା (ପିଏନ୍): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଂଚମ ପାଳିର ସଂପ୍ରସାରିତ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇଥିବା ଆଳି ବିଧାୟକ ପ୍ରତାପ କେଶରୀ ଦେବ ଓ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚି ନାୟକଙ୍କୁ କେନ୍ଦ୍ରାପଡାର ପୂର୍ବତନ ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା ମନ୍ତ୍ରୀଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ପହଞ୍ଚି ପୁଷ୍ପଗୁଚ୍ଛ ପ୍ରଦାନ ସହ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରି ଶୁଭେଚ୍ଛା ଜଣାଇଛନ୍ତି। ଏଥିସହିତ କେନ୍ଦ୍ରାପଡା ଜିଲ୍ଲାର ଦୁଇ ବିଧାୟକଙ୍କୁ ତାଙ୍କ ମନ୍ତ୍ରୀମଣ୍ଡଳରେ କ୍ୟାବିନେଟ ମନ୍ତ୍ରୀ ଭାବରେ ନେଇଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ ମଧ୍ୟ ଶ୍ରୀ ପରିଡା କୃତଜ୍ଞତା ଜଣାଇଛନ୍ତି। ଏହାଦ୍ୱାରା କେନ୍ଦ୍ରାପଡା ଜିଲ୍ଲାର ଦ୍ରୁତ ବିକାଶ ସମ୍ଭବ ହୋଇ ପାରିବ ବୋଲି ଶ୍ରୀ ପରିଡା କହିଛନ୍ତି।

# ଉତ୍କଳମଣି ଗୋପବନ୍ଧୁଙ୍କ ସେବା ଓ ତ୍ୟାଗର ତୁଳନା ନାହିଁ



ରାଉରକେଲା (ପିଏନ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ ତଥା ଓଡିଶା ପ୍ରଦେଶ କଂଗ୍ରେସର ପ୍ରଥମ ସଭାପତି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ । ତାଙ୍କର ନୀତି ଓ ଆଦର୍ଶ ତଥା କାର୍ଯ୍ୟକ୍ରମ ଯୁଗ ଯୁଗ ପାଇଁ ଓଡିଆ ଜାତିକୁ ଅନୁପ୍ରେରିତ କରିବ ବୋଲି ଗତକାଲି ତାଙ୍କ ୯୪ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଜିଲ୍ଲା କଂଗ୍ରେସ ତରଫରୁ ଅନୁଷ୍ଠିତ ଶ୍ରଦ୍ଧାଂଜଳି ଜ୍ଞାପନ କାର୍ଯ୍ୟକ୍ରମରେ କୁହାଯାଇଛି । ଜିଲ୍ଲା କଂଗ୍ରେସର ଭାରପ୍ରାପ୍ତ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଗୋପବନ୍ଧୁପାଲ୍ଲୀଠାରେ ଅବସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଏହି ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିବା ବେଳେ କଂଗ୍ରେସର ବରିଷ୍ଠ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ରଘୁନାଥପାଲ୍ଲୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଜିଲ୍ଲା କଂଗ୍ରେସ ଉପସଭାପତି ସନ୍ତୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ ଓ ସବୀର ହୁସେନ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ ପ୍ରମୁଖ ବକ୍ତବ୍ୟ ରଖି ପଣ୍ଡିତଜୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସ କର୍ମୀମାନେ ନିଜ ନିଜକୁ ସମାଜର ଅବହେଳିତ, ନିଷ୍ପେଷିତ ବର୍ଗଙ୍କ ସେବାରେ ନିୟୋଜିତ କରିଲେ ତାହା ପଣ୍ଡିତଜୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଂଜଳି ହେବ ବୋଲି ନେତୃବୃନ୍ଦ ପ୍ରକାଶ କରିଥିଲେ । ଜିଲ୍ଲା କଂଗ୍ରେସ ସଭାପତି କଳ୍ପତରୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଇନଟକ ଅଧ୍ୟକ୍ଷ ନିହାର ଦାସ, ମୁଖପାତ୍ର କୈଳାସ ସାହୁ, ଓବିସି ଅଧ୍ୟକ୍ଷ ତ୍ରୈଲୋଚନ ସାହୁ, ସାମାଜିକ ଗଣମାଧ୍ୟମ ଉପାଧ୍ୟକ୍ଷ ସୁଧୀର ନାଥ, କାର୍ଯ୍ୟନିର୍ବାହୀ ସଦସ୍ୟ ଦିଲ୍ଲୀପ ଜେନା, ଭାସ୍କର ଖିଲ୍ଲାର ଓ ରୁକସାନା ବେଗମ, ମହିଳା କଂଗ୍ରେସର ନିର୍ମଳା ମହାପାତ୍ର, ସେବାଦଳର ବୁଲୁ ଦାସ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ବରିଷ୍ଠ ନେତା ବିପିନ ଠାକୁର, ଡେଭିଡ ପ୍ରଧାନ, ଯୁବନେତା ଶେକ ସମିର, ଆଇତା ବାହାଦୁର, ପପୁ ଖାନ, ମୋତିଲାଲ ସାହୁ, ରେହେମାନ ଖାନ ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଅଂଶଗ୍ରହଣ କରିଥିବା ବେଳେ ଛେଣ୍ଡ କଲୋନୀଠାରେ ୭ ନମ୍ବର ବ୍ଲକ୍ କଂଗ୍ରେସ ସଭାପତି ବିଜୟ ଆପଟଙ୍କ ନେତୃତ୍ୱରେ କଂଗ୍ରେସ ମୁଖପାତ୍ର ଗିରିଜାଶଙ୍କର ମିଶ୍ର, କଂଗ୍ରେସ ନେତା ବସନ୍ତ ସାମଲ, ବନଲତା ବେହେରା, ଧର୍ମେନ୍ଦ୍ର ପରମାର, ଏମ୍‌ଡି ନିଜାମ ପ୍ରମୁଖ ଉପସ୍ଥିତ ରହି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ବହୁଚର୍ଚ୍ଚିତ ବାବୁଲି ମହାରଣାଙ୍କୁ ହତ୍ୟା ଉଦ୍ୟମର ମୁଖ୍ୟ ଅଭିଯୁକ୍ତ ଗିରଫ



କେନ୍ଦ୍ରାପଡ଼ା (ପିଏନ୍): ଗତ ୨୦୨୧ ମସିହାରେ ବାବୁଲି ମହାରଣାଙ୍କୁ ହତ୍ୟା ଉଦ୍ୟମ ଘଟଣାର ୨ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ରାମନଗରପାଟଣାସ୍ଥିତ ଶ୍ରୀରାମ ଟ୍ରାକ୍ଟର ସୋରୁମର ମାଲିକ ବିବେକାନନ୍ଦ ମହାରଣାଙ୍କୁ ତାଙ୍କ ସୋରୁମରେ ୨୦୨୧ ମସିହା ଜୁଲାଇ ମାସ ୧୪ ତାରିଖରେ ଗୁଳି ମାରି ହତ୍ୟା ଉଦ୍ୟମ କରାଯାଇଥିଲା। ପୂର୍ବରୁ ମଧ ତାଙ୍କ ଉପରେ ଆକ୍ରମଣ କରାଯାଇଥିବାରୁ ପୋଲିସ ପକ୍ଷରୁ ତାଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇଥିଲା। ଏହି ଘଟଣାକୁ ନେଇ ବିବେକାନନ୍ଦଙ୍କ ସୁରକ୍ଷା କର୍ମୀ ମାନସରଞ୍ଜନ ମହାନ୍ତି ଦୁର୍ବୃତଙ୍କ ନାମରେ କେନ୍ଦ୍ରାପଡା ସଦର ଥାନାରେ ଲିଖିତ ଏତଲା ଦେଇଥିଲେ । ଏଥିନେଇ ଥାନା ପକ୍ଷରୁ ୩୧୫/୨୧ରେ ଏକ ମାମଲା ରୁଜୁ କରାଯାଇଥିଲା। ଏହି ଗୁଳିମାଡ ଘଟଣାରେ ମୋଟ ୯ଜଣ ଅଭିଯୁକ୍ତ ସଂପୃକ୍ତ ଥିବାବେଳେ ସେମାନଙ୍କ ମଧ୍ୟରୁ ୫ଜଣଙ୍କୁ ପୂର୍ବରୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ୪ଜଣ ଅଭିଯୁକ୍ତ ଦୀର୍ଘଦିନ ଧରି ଫେରାର ଥିଲେ । ସେମାନଙ୍କ ମଧ୍ୟରୁ ମୁଖ୍ୟ ଅଭିଯୁକ୍ତ ଟାଉନ ଥାନା ଅନ୍ତର୍ଗତ ଜୟୀପୁରା ଗ୍ରାମର ସେକ ମହତାବ ଓ ତାଜୁଉଦ୍ଦିନ ଖାନ ଘରେ ଥିବାର କୌଣସି ସୂତ୍ରରୁ ପୋଲିସ ଖବର ପାଇଥିଲା। ସଦର ଥାନା ଅଧିକାରୀ ପବିତ୍ର କୁମାର ମହାରଣାଙ୍କ ନିର୍ଦ୍ଦେଶରେ ସଦର ଥାନା ପୋଲିସ ଅଭିଯୁକ୍ତଙ୍କ ଘରେ ଚଢାଉ କରି ସେମାନଙ୍କୁ ଗିରଫ କରିଥିଲେ । ଏହି ୨ ଅଭିଯୁକ୍ତଙ୍କୁ ସଦର ଥାନା ପୋଲିସ କୋର୍ଟ ଚାଲାଣ କରିଥିବା ଜଣାପଡିଛି । ଅଭିଯୁକ୍ତ ଦ୍ୱୟଙ୍କ ନାମରେ ଜିଲ୍ଲା ଏବଂ ଜିଲ୍ଲା ବାହାରର ବିଭିନ୍ନ ଥାନାରେ ବହୁ ମାମଲା ରହିଥିବା ପୋଲିସଠାରୁ ସୂଚନା ମିଳିଛି। କୋର୍ଟରେ ଅଭିଯୁକ୍ତ ଦ୍ୱୟଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବାରିମୂଳ ଉପକାରାଗାରାକୁ ପଠାଇଦିଆଯାଇଥିବା ଜଣାପଡିଛି। କିନ୍ତୁ ଏହି ମାମଲାରେ ଅନ୍ୟ ୨ଜଣ ଅଭିଯୁକ୍ତ ଏବେ ମଧ ଫେରାର ଥିବା ଜଣାପଡିଛି ।

## ଜାରକାରେ ବିଶ୍ୱ ଯୋଗ ଦିବସ ପାଳିତ



ଧର୍ମଶାଳା (ପିଏନ୍): ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ପତଂଜଳି ଯୋଗ ସମିତି ଧର୍ମଶାଳା ଶାଖା, ଇନର ହୁଇଲ କ୍ଲବ ଓ ରୋଟାରୀ କ୍ଲବର ମିଳିତ ଆନୁକୂଲ୍ୟରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି । ସକାଳ ୭ ଘଟିକା ସମୟରେ ଜାରକା ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଯୋଗ ଶିବିରରେ ଇନର ହୁଇଲ କ୍ଲବର ପୂର୍ବତନ ସଭାପତି ମିନତୀ ସାହୁ ପୌରୋହିତ୍ୟ କରିଥିଲେ । ଏହି ଶିବିରକୁ କଟକ ଡିଏସପି ଅମିତାଭ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ପ୍ରତ୍ୟେହ ୧ ଘଂଟା ଯୋଗାଭ୍ୟାସ କଲେ ଜୀବନ ନିରୋଗ ମଣିଷ ନିରୋଗ ରହିପାରିବ ବୋଲି ସେ କହିଥିଲେ । ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ଶତପଥୀ, ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁଧିର କୁମାର ସାହୁ, ନେହେରୁ ଯୋଗକେନ୍ଦ୍ରର ସଂଯୋଜକ ବାସୁଦେବ ଦେଓ ଦାସ, ପତଂଜଳି ଯୋଗ ସମିତିର ସଂଯୋଜକ କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ରୋଟାରୀ କ୍ଲବ ସଭାପତି ନିରଂଜନ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଯୋଗର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ । ଯୋଗ ଶିକ୍ଷକ ପ୍ରମୋଦ ମଲିକ ବିଭିନ୍ନ ଯୋଗ କପାଳ ଭାରତୀ, କୁମ୍ଭିକା, ଅଗ୍ନିସାର, ଅନୁଲୋମ, ବିଲୋମ ଆଦି ଯୋଗାଭ୍ୟାସ କରିଥିଲେ। ଉପସ୍ଥିତ ଶିବିରାର୍ଥୀମାନେ ଏହାକୁ ଅନୁକରଣ କରି ଯୋଗାଭ୍ୟାସ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଇନରହୁଇଲ ସଭାପତି ମାଧୁରୀ ଶତପଥୀ, ଆଜାମ୍ବର ସାହୁ, ଜୟପ୍ରକାଶ ତ୍ରିପାଠୀ, ରମାକାନ୍ତ ଜେନା, ବଟକୃଷ୍ଣ ପରିଡା, ସୁରେନ୍ଦ୍ର ପାଣି, ଲୋପାମୁଦ୍ରା ଷଣ୍ଡ, ପ୍ରଭାତି ବିଶ୍ୱାଳ, ସୁକାନ୍ତ ସ୍ୱାଇଁ ଓ ଚନ୍ଦନ ନାୟକ ପ୍ରମୁଖ ଯୋଗଦେଇଥିଲେ । ଏହି ଶିବିରରେ ଶତାଧିକ ପୁରୁଷ, ମହିଳା ଓ ଛାତ୍ରଛାତ୍ରୀ ଯୋଗଦେଇ ଯୋଗାଭ୍ୟାସ କରିଥିଲେ ।

## କେନ୍ଦ୍ରାପଡା ଅର୍ବାନ ବ୍ୟାଙ୍କର ୭ ନିର୍ଦ୍ଦେଶକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

କେନ୍ଦ୍ରାପଡ଼ା (ପିଏନ୍): ପୂର୍ବତନ ମନ୍ତ୍ରୀ ସ୍ୱର୍ଗତଃ ଭାଗବତ ପ୍ରସାଦ ମହାନ୍ତିଙ୍କ ଦ୍ୱାରା ପ୍ରତିଷ୍ଠିତ କେନ୍ଦ୍ରାପଡା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ପରିଚାଳନା ପରିଷଦ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଗତ ମାସ ୬ ତାରିଖରେ ବ୍ୟାଙ୍କର ୧୫ଟି ଜୋନର ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀପତ୍ର ଦାଖଲ ସମ୍ପୂର୍ଣ୍ଣ ହୋଇଥିଲା । ପ୍ରାର୍ଥୀପତ୍ର ଯାଞ୍ଚ ପରେ ସ୍ୱର୍ଗତଃ ମହାନ୍ତିଙ୍କ ସୁପୁତ୍ର ଗୁରୁ ପ୍ରସାଦ ମହାନ୍ତିଙ୍କ ନେତୃତ୍ୱରେ ମନୋନୟନ ପତ୍ର ଦାଖଲ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୧ନମ୍ବର ଜୋନ୍‌ରେ ରଶ୍ମିରଞ୍ଜନ ଚୌଧୁରୀ, ୨ରେ ଶ୍ରୀକାନ୍ତ ନାୟକ, ୪ରେ ଡ଼ଃ ଅଧିକାରୀ ଲକ୍ଷ୍ମୀନାରାୟଣ ଦାସ, ୯ରେ ଡ଼ଃ ଅପର୍ଣ୍ଣା ମହାନ୍ତି, ୧୦ରେ ପ୍ରଫୁଲ୍ଲ କୁମାର ସାହୁ, ୧୧ରେ ବିଧୁ ଭୂଷଣ ମହାପାତ୍ର ଓ ୧୪ ନମ୍ବର ଜୋନରେ ମହେନ୍ଦ୍ର କୁମାର ପରିଡା ପ୍ରମୁଖ ୭ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବ୍ୟାଙ୍କ ପରିଚାଳନା ପରିଷଦର ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇଛନ୍ତି । ଗୁରୁ ପ୍ରସାଦ ମହାନ୍ତି ଜଣେ ଅବସରପ୍ରାପ୍ତ ଉଚ୍ଚପଦସ୍ଥ ବ୍ୟାଙ୍କ ଅଧିକାରୀ ହୋଇଥିବାରୁ ତାଙ୍କ ନେତୃତ୍ୱରେ ବ୍ୟାଙ୍କର ସୁପରିଚାଳନା ସଠିକ ଓ ନିଷ୍ପାପର ଭାବରେ ହୋଇପାରିବ ବୋଲି ବୁଦ୍ଧିଜୀବୀ-ମାନେ ଆଶାବ୍ୟକ୍ତ କରିଛନ୍ତି ।

## ମୀର ଅହମ୍ମଦ ଅଲ୍ଲୀ ହେଲେ ପ୍ରେରଣା ରାଜ୍ୟ ଯୁବସଂଯୋଜକ



ଭୁବନେଶ୍ୱର (ପିଏନ୍). : ସର୍ବଦା ସବୁଜ ସୁନ୍ଦର ପରିବେଶ ପାଇଁ କାମ କରୁଥିବା 'ପ୍ରେରଣା' ଅନୁଷ୍ଠାନ ତାର ରାଜ୍ୟ ଯୁବ ସଂଯୋଜକ ରୂପେ ଯୁବ ସାମାଜିକ କର୍ମୀ ମୀର ଅହମ୍ମଦ ଅଲ୍ଲୀଙ୍କୁ ଦାୟିତ୍ୱ ପ୍ରଦାନ କରିଛି । ପରିବେଶ ଦିବସରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ ଅଲ୍ଲୀଙ୍କୁ 'ପ୍ରେରଣା ଗ୍ରୀନ୍ କମାଣ୍ଡାଣ୍ଟ' ରୂପେ ସମ୍ମାନିତ କରିବା ସହ ରାଜ୍ୟ ଯୁବ ସଂଯୋଜକ ରୂପେ ଘୋଷଣା କରିଥିଲେ 'ପ୍ରେରଣା'ର ଅଧ୍ୟକ୍ଷ ତଥା ଖୋର୍ଦ୍ଧାର ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଦିଲ୍ଲୀପ ଶ୍ରୀଚନ୍ଦନ। ଶ୍ରୀଯୁକ୍ତ ଅଲ୍ଲୀ ଏହି ପ୍ରେରଣା ଅନୁଷ୍ଠାନ ସହ ଜଡ଼ିତ ହୋଇ ଦୀର୍ଘଦିନ କରିଥିବା କାର୍ଯ୍ୟକୁ ଶ୍ରୀଯୁକ୍ତ ଶ୍ରୀଚନ୍ଦନ ଭୂୟସୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ 'ସମ୍ବାଦ'ର ସମ୍ପାଦକ ତଥା ଖଣ୍ଡପଡ଼ାର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସୌମ୍ୟରଞ୍ଜନ ପଟ୍ଟନାୟକ, ବରିଷ୍ଠ ରାଜନେତା ତଥା ଜଟଣୀର ମାନ୍ୟବର ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ଶାସନ ସଚିବ ସହଦେବ ସାହୁ, ଚଳଚ୍ଚିତ୍ର ଅଭିନେତା ଚନ୍ଦନ କର ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ସଂଯୋଜକ ରୂପେ ଦାୟିତ୍ୱ ଦେଇଥିବାରୁ ଶ୍ରୀଯୁକ୍ତ ଅଲ୍ଲୀ ପ୍ରେରଣାର ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ ନିଜ କାମ ସୁଚାରୁରୂପେ କରିବେ ବୋଲି ଆଶାବାଦୀ ଅଛନ୍ତି। ପ୍ରତି ଜିଲ୍ଲା ଯୁବ ସଂଯୋଜକଙ୍କୁ ବାଛି ଜୁଲାଇ ୧ରୁ ୭ ତାରିଖ ପର୍ଯ୍ୟନ୍ତ 'ବନ ସପ୍ତାହ'ରେ ସାରା ଓଡ଼ିଶାରେ ୧ ଲକ୍ଷ ବୃକ୍ଷରୋପଣ କରିବା ପାଇଁ 'ପ୍ରେରଣା' ପକ୍ଷରୁ ଯୋଜନା କରାଯାଇଅଛି। ଏହି ଅଭିଯାନରେ ସାମିଲ ହେବାପାଇଁ ଇଚ୍ଛୁକ ବ୍ୟକ୍ତି, ସଙ୍ଗଠନ, ସ୍ୱେଚ୍ଛାସେବୀ ପ୍ରମୁଖ ଶ୍ରୀଯୁକ୍ତ ଅଲ୍ଲୀଙ୍କୁ ୯୦୯୦୦୮୭୦୫୧ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ।

## ବଳଦେବଜୀଉଙ୍କ ଆଶୀର୍ବାଦ ନେଲେ ମନ୍ତ୍ରୀ ଅତନୁ ଓ ପ୍ରତାପ



କେନ୍ଦ୍ରାପଡ଼ା (ପିଏନ୍): ନୂତନ ମନ୍ତ୍ରୀମଣ୍ଡଳ ଗଠନ ହେବା ପରେ ମନ୍ତ୍ରୀମାନେ ପୁରୀ ଯାଇ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରିଥିଲେ। ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇଥିବା କେନ୍ଦ୍ରାପଡ଼ା ଜିଲ୍ଲାର ୨ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ପ୍ରତାପ କେଶରୀ ଦେବ କେନ୍ଦ୍ରାପଡ଼ାର ଆରାଧ୍ୟ ପ୍ରଭୁ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିରକୁ ଯାଇ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଅପରାହ୍ଣରେ ଇଚ୍ଛାପୁର ଉଚ୍ଚ ବିଦ୍ୟାଳୟରେ ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ପରେ ବଳଦେବଜୀଉଙ୍କ ଦର୍ଶନ ପାଇଁ ମନ୍ଦିରକୁ ଯାଇଥିଲେ। ବାଟରେ ଉଭୟ ମନ୍ତ୍ରୀଙ୍କୁ ବିଜେଡି ନେତା ଓ କର୍ମୀମାନେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ମନ୍ତ୍ରୀଦ୍ୱୟ ମନ୍ଦିରରେ ପ୍ରବେଶ କରିବା ପରେ ସେବାୟତମାନେ ସେମାନଙ୍କୁ ଶ୍ରୀଜୀଉଙ୍କ ଜଗମୋହନକୁ ନେଇ ପ୍ରଭୁଙ୍କ ଦର୍ଶନ କରାଇଥିଲେ। ମନ୍ତ୍ରୀଦ୍ୱୟ ମନ୍ଦିରର ବିକାଶ ସମ୍ପର୍କରେ ସେବାୟତମାନଙ୍କ ସହ ଆଲୋଚନା କରିଥିଲେ। ମନ୍ତ୍ରୀଦ୍ୱୟଙ୍କ ସହ ଠାକୁରଙ୍କ ଦର୍ଶନ ପାଇଁ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ପ୍ରମୁଖ ମନ୍ଦିରକୁ ଯାଇଥିଲେ। ଏଥିସହିତ ସେମାନଙ୍କ ସହ ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀ, ନଗରପାଳ ସରିତା ସାହୁ, ଧୀରେନ ସାହୁ, ରୋସ୍ନା ସାହୁ, ବ୍ଲକ ଅଧ୍ୟକ୍ଷ ରଶ୍ମିତା ସେଠୀ, ଜିଲ୍ଲା ପରିଷଦ ସଭ୍ୟା ମଧୁଛନ୍ଦା ମହାନ୍ତି, ସଭ୍ୟ ରଶ୍ମିରଞ୍ଜନ ରାଉତ, କାଉନସିଲର କାଳୀପ୍ରସାଦ ମିଶ୍ର, ଉମେଶ ନାୟକ, ପୂର୍ବତନ ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା, ଦୁର୍ଗାଶିଷ ମହାନ୍ତି, ହିରଣ୍ୟ ପଣ୍ଡା, ସବିତା ସାହୁ, ପ୍ରକାଶ ପରିଡ଼ା, ସେକ ମତୁ, ସେକ ଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

*—ମହାସାଗର ବଞ୍ଚିଲେ ବଞ୍ଚିବ ଜୀବନ—*

## ମହାସାଗରର ଜୈବ ବିବିଧତା ସୁରକ୍ଷା ପାଇଁ ନିବେଦନ କଲେ ପରିବେଶବିତ୍



ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ଭଳି ଚଳିତବର୍ଷ ଜୁନ୍ ୮ରେ ପାଳିତ ହୋଇଛି ବିଶ୍ୱ ମହାସାଗର ଦିବସ। ଆମର ଦୈନନ୍ଦିନ ଜୀବନରେ ଏହାର ଭୂମିକାକୁ ସ୍ମରଣ କରିବା ପାଇଁ ଏଭଳି ଏକ ଦିବସ ପାଳନର ରହିଛି ପରିକଳ୍ପନା। ଏଥିନେଇ ରାଜଧାନୀ ଭୁବନେଶ୍ୱରର ପରିବେଶବିତ୍ ସୁଶାନ୍ତ ସାହୁ ବିଭିନ୍ନ ରଙ୍ଗର ମୁରୁଜକୁ ବ୍ୟବହାର କରି ତିଆରିଛନ୍ତି ଏକ ମହାସାଗରର ଚିତ୍ର। ଚିତ୍ରଟିରେ ପ୍ଲାଷ୍ଟିକ ବର୍ଜ୍ୟ ଦ୍ୱାରା ମହାସାଗରର ଉଦ୍ଭିଦ ଓ ଜୀବ କିଭଳି ପ୍ରଭାବିତ ହେଉଛନ୍ତି ତାହା ସେ ଦର୍ଶାଇବାକୁ ପ୍ରୟାସ କରିଛନ୍ତି। ବିଶ୍ୱ ବ୍ରହ୍ମାଣ୍ଡ ଲୋଡୁଥିବା ଅମ୍ଳଜାନ ମଧ୍ୟରୁ ୫୦ ପ୍ରତିଶତ ଅମ୍ଳଜାନ ଦେଇଥାଏ ମହାସାଗର। ପୁଣି ମଣିଷ ନିର୍ଗତ କରୁଥିବା ୩୦ ପ୍ରତିଶତ ଅଙ୍ଗାରକାମ୍ଳ ଶୋଷି ନେବାରେ ଏହାର ଅବଦାନ ଥାଏ। ମହାସାଗରକୁ ବିଶ୍ୱର ଜୈବବିବିଧତାର ଘର ବୋଲି କୁହାଯାଏ। ବିଶ୍ୱର ବିଲିୟନ ସଂଖ୍ୟକ ଲୋକଙ୍କ ପୁଷ୍ଟିର ଉତ୍ସ ପାଲଟିଥିବା ମହାସାଗର ୪୦ ମିଲିୟନ ଲୋକଙ୍କୁ ଜୀବିକା ମଧ୍ୟ ଦେଇଛି। ସଂସାର ଯାକର ଜଳବାୟୁକୁ ନିୟନ୍ତ୍ରିତ କରୁଥିବା ମହାସାଗର ଏବେ ନିଜେ ଭୟଙ୍କର ବିପଦ ଦେଇ ଗତି କରୁଛି ବୋଲି କହିଛନ୍ତି ପରିବେଶବିତ୍ ସୁଶାନ୍ତ ସାହୁ। ବିଶ୍ୱ ମହାସାଗର ଦିବସ ଅବସରରେ ନିଜ ପ୍ରତିକ୍ରିୟା ଦେଇ ସୁଶାନ୍ତ କହିଛନ୍ତି ଯେ, ମାତ୍ରାଧିକ ପ୍ଲାଷ୍ଟିକ୍ ବର୍ଜ୍ୟରେ ମହାସାଗରର ପରିବେଶ କ୍ଷତିଗ୍ରସ୍ତ ହୋଇଛି। ଟନ୍ ଟନ୍ ପ୍ଲାଷ୍ଟିକ ଭାସୁଥିବାରୁ ଜଳ, ଶୈବାଳ ଓ ଜଳଜ ପ୍ରାଣୀ ବିପଦରେ ପଡ଼ିଛନ୍ତି। ୯୦ ପ୍ରତିଶତ ବଡ଼ମାଛ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଏସବୁକୁ ଦୃଷ୍ଟିରେ ଦେଖିଲେ ବ୍ରହ୍ମାଣ୍ଡର ୭୦ ପ୍ରତିଶତ ଅଞ୍ଚଳକୁ ଆଚ୍ଛାଦିତ କରିଥିବା ମହାସାଗରର ସୁରକ୍ଷା ଓ ସଂରକ୍ଷଣ ଜରୁରୀ ହୋଇପଡ଼ିଛି ବୋଲି କହିଛନ୍ତି ସୁଶାନ୍ତ।




# ରାମନବମୀ ଉପଲକ୍ଷେ ଶାନ୍ତି କମିଟି ବୈଠକ

ଝାରସୁଗୁଡ଼ା, (ପି.ଏନ): ପବିତ୍ର ରାମ ନବମୀ ଉପଲକ୍ଷେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ପ୍ରେକ୍ଷା ଗୃହରେ ଅନୁଷ୍ଠିତ ବୈଠକରେ ଆରକ୍ଷୀ ଅଧିକ୍ଷକ ପରମାର ସ୍ମିତ ପରଷୋତମ ଦାସ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରାମ ମାଝୀ,ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପ୍ରବୀର କୁମାର ନାୟକ,ଉପଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ , ପ୍ରବନ୍ଧକ ନିର୍ଦ୍ଦେଶକ(ପୁନର୍ବାସ ଓ ଥଇଥାନ) ଆଲୋମଣୀ ସେଠୀ, ଏସ୍‌ଡିପି ଓ ନିର୍ମଳ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପରମ୍ପରା ସହ ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ପବିତ୍ର ରାମନବମୀ ପାଳନ ପାଇଁ ଜିଲ୍ଲାପାଳ ଶ୍ରୀ ସାମଲ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଆଖଡା କମିଟିଗୁଡିକ ସମସ୍ତ ନୀତି ନିୟମର ଅନୁପାଳନ ତଥା ସାମ୍ପ୍ରଦାୟିକ ସଦଭାବ ଓ ଭାଇଚାରା ବଜାୟ ରଖିବା ପାଇଁ ଆରକ୍ଷୀ ଅଧିକ୍ଷକ ପରମାର ସ୍ମିତ ପରଷୋତମ ଦାସ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ବୈଠକରେ ଝାରସୁଗୁଡ଼ା, ବ୍ରଜରାଜନଗର ଓ ବେଲପାହାଡ଼ ପୌରାଂଚଳର ବିଭିନ୍ନ ଆଖଡ଼ା କମିଟିର କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ରହିବା ସହ ମତାମତ ପ୍ରଦାନ କରିଥିଲେ। ଜିଲ୍ଲା ପ୍ରଶାସନ ତଥା ପୁଲିସ ପ୍ରଶାସନ ପକ୍ଷରୁ ଧାର୍ଯ୍ୟ ସମୟରେ ଆଖଡ଼ା ଶୋଭାଯାତ୍ରା ଆରମ୍ଭ ଓ ବିସର୍ଜନ ପାଇଁ ଆଖଡ଼ା କମିଟିର ସହଯୋଗ କାମନା କରାଯାଇଥିଲା। ଶୋଭାଯାତ୍ରାରେ କୌଣସି ଅସ୍ତ୍ରଶସ୍ତ୍ରର ପ୍ରଦର୍ଶନ କରାଯିବ ନାହିଁ। ସେହିପରି କୌଣସି ଧର୍ମ ବା ସମ୍ପ୍ରଦାୟ ଉଦ୍ଦେଶ୍ୟରେ ଆକ୍ଷେପ ମୂଳକ ମନ୍ତବ୍ୟ ପ୍ରଦାନକୁ ବାରଣ କରାଯାଇଛି।ଆଖଡ଼ା କମିଟିଗୁଡିକ ସମ୍ପୃକ୍ତ ଥାନାରୁ ଆବଶ୍ୟକୀୟ ଲାଇସେନ୍ସ ନେବା , ଲାଇସେନ୍ସରେ ଉଲ୍ଲିଖିତ ନୀତି ନିୟମ ଅନୁଯାୟୀ ଶୋଭାଯାତ୍ରାର ଆୟୋଜନ କରିବା, ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ ପ୍ରତି ଆଖଡ଼ା କମିଟିରୁ ଦଶ ଜଣ ସ୍ୱେଚ୍ଛାସେବୀଙ୍କ ନାମ ତାଲିକା ଓ ଫୋନ ନମ୍ବର ସମ୍ପୃକ୍ତ ଥାନା ଅଧିକାରୀଙ୍କ ନିକଟରେ ଦାଖଲ କରାଯିବାକୁ ଆଲୋଚନା କରାଯାଇଥିଲା। ଅତ୍ୟୁଚ୍ଚ ସମ୍ପନ୍ନଯୁକ୍ତ ଡିଜେ ନବଜାଇବାକୁ ଆଖଡ଼ା କମିଟିଗୁଡିକୁ ବାରଣ କରାଯାଇଛି। ଅନ୍ୟଥା ଏହି ଡିଜେ ଗୁଡ଼ିକ ଜବତ କରାଯାଇ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସତର୍କ କରାଇ ଦିଆଯାଇଛି। କମିଟିଗୁଡିକ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ପରାମର୍ଶ ଦିଆଯାଇଛି। ରାମନବମୀ ପୂର୍ବରୁ ଶୋଭାଯାତ୍ରା ଯିବା ରାସ୍ତାରେ ମରାମତି କରାଯିବା, ବିଦ୍ୟୁତ ବ୍ୟବସ୍ଥା ଠିକ ରଖାଯିବା, ପାର୍କିଂ, ପରିମଳ ତଥା ଆବଶ୍ୟକୀୟ ବ୍ୟବସ୍ଥାର ତଦାରଖ ସମ୍ପର୍କରେ ଆଲୋଚନା କରାଯାଇ ସମ୍ପୃକ୍ତ ଅଧିକାରୀମାନଙ୍କୁ କାର୍ଯ୍ୟାନ୍ୱୟନ ସକାଶେ ନିର୍ଦ୍ଦେଶ ଦିଆଯାଇଛି।

# ଶଙ୍ଖଚିଲା ହିଙ୍ଗୁଳା ଯାତ୍ରା ଏପ୍ରିଲ୍‌୫ରୁ ଆରମ୍ଭ, ଆଖପାଖ ୪୦ରୁ ଉର୍ଦ୍ଧ୍ୱ ଗ୍ରାମ ଓ ସହରରେ ରାତ୍ରୀପାକ, ଆମିଷ ନିଷେଧ

କୋରାଇ, (ପି.ଏନ): ଯାଜପୁରର ଗଣପର୍ବ କୋରାଇ ବ୍ଲକ ଅନ୍ତର୍ଗତ ଶଙ୍ଖଚିଲାର ପ୍ରସିଦ୍ଧ ମା' ହିଙ୍ଗୁଳାଙ୍କ ୯୩ତମ ଯଜ୍ଞୋତ୍ସବ ଓ ୫୫ ତମ ନାମଯଜ୍ଞ ଆସନ୍ତା ଏପ୍ରିଲ ୫ ତାରିଖରୁ ଆରମ୍ଭ ହୋଇ ୧୩ତାରିଖରେ ଶେଷ ହେବ ବୋଲି ଆଜି ଏକ ସମ୍ବାଦିକ ସମ୍ମିଳନୀରେ କମିଟିର କର୍ମକର୍ତ୍ତା ଜଣାଇଛନ୍ତି। ଆଜି ମା' ହିଙ୍ଗୁଳାଙ୍କ ସଭାଗୃହରେ କମିଟିର ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଏନେଇ ଏକ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଂପାଦକ କୃଷ୍ଣ ଚନ୍ଦ୍ର ସାହୁ (ବାବୁଲି) ପୂଜା ସଂପର୍କିତ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ। ୫ ତାରିଖରେ କଳସ ପୂଜା ଆରମ୍ଭ ହୋଇ ୬ ତାରିଖରେ ବିଶ୍ୱଶାନ୍ତି ମହାଯଜ୍ଞ, ନାମଯଜ୍ଞର ଶୁଭାରମ୍ଭ ହେବା ସହିତ ୭ ତାରିଖ ଯଜ୍ଞକାର୍ଯ୍ୟ ଜାରି ରହିବା ସହ ୮ ତାରିଖରେ ମହାଯଜ୍ଞର ପୂର୍ଣ୍ଣାହୂତି ହେବ। ୯ ତାରିଖ ଦିନ ୪ ଘଟିକାରେ ମା'ଙ୍କ ଯଜ୍ଞଚରୁ ବଂଟନ ସହ ନାମଯଜ୍ଞ ଏବଂ ୧୦ତାରିଖ ନଗରଭ୍ରମଣ ଓ ନାମଯଜ୍ଞ ଉଦ୍‌ଯାପିତ ହେବ। ୧୩ ତାରିଖ ସକାଳେ ଯଜ୍ଞଭସ୍ମ ଦେବୀଙ୍କ ପୀଠରୁ ବାହାରି ପୂର୍ଣ୍ଣତୋୟା ବୈତରଣୀ ନଦୀର ଦଶାଶ୍ୱମେଧ ଘାଟରେ ବିସର୍ଜନ ହେବ। ପୂଜା ଉତ୍ସବର ପ୍ରତ୍ୟେହ ସଂଧ୍ୟାରେ ଭଜନ, କୀର୍ତନ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଅନୁଷ୍ଠିତ ହେବ। ଯଜ୍ଞ ଉତ୍ସବ ମଧ୍ୟରେ ବ୍ୟାସନଗର ପୌରାଂଚଳ ସମେତ ଆଖପାଖ ଅଂଚଳର ୪୦ରୁ ଉର୍ଦ୍ଧ୍ୱ ଗ୍ରାମରେ ଆମିଷ ଭୋଜନା ଓ ରାତ୍ରିପାକ ନିଷେଧ କରାଯାଇଥିବା ବେଳେ ପୂଜା ସ୍ଥଳରେ ଜୁଆଖେଳ ଓ ଅପେରା ନାଟକୁ ବାରଣ କରାଯାଇଛି। ମେଳାରେ ୬ ଶହରୁ ଉର୍ଦ୍ଧ ଦୋକାନ ଖୋଲାଯିବ ସହ ଭକ୍ତ ମାନଙ୍କ ଭିଡକୁ ଲକ୍ଷ୍ୟରଖି ପାଣିକୋଇଲି ଥାନା, ଶଙ୍ଖଚିଲା ଫାଣ୍ଡି ପୁଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି। ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ। ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ। ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୂଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ। ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ। ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଂଟି ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ୍ ଡି ଉପରେ ଅନୁଭୂତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

# ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧ୍ୟକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଧିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ଫ୍ଲେୟାର ଗାରନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି। ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି। ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି। ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଚାଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଚାଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଚ୍ଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ, ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଚାଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଚାହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଚମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ୍ୟ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଚାଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଚାଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଚ୍ଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାକୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଂକ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ

ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଢକ୍ଷଗ୍ଧ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଁଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଢକ୍ଷଗ୍ଧ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

# ସମବାୟ ବ୍ୟାକିଙ୍ଗ ସେବା ଓ ଋଣ କର୍ମଶାଳା

କୋରାଇ, (ପି.ଏନ): କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଯାଜପୁରରୋଡ ଶାଖା ପକ୍ଷରୁ ପାଣିକୋଇଲି ପ୍ରାଥମିକ କୃଷି ସମବାୟ ସମିତି ଆନୁକୂଲ୍ୟରେ ପଥରପଦା ପଂଚାୟତ ପରିସରରେ ସମବାୟ ବ୍ୟାକିଙ୍ଗ ସେବା ଓ ଋଣ କର୍ମଶାଳା ଆଜି ଅନୁଷ୍ଠିତ ହୋଇଯାଇଛି । ପାଣିକୋଇଲି ପ୍ରାଥମିକ କୃଷି ସମବାୟ ସମିତି ସଭାପତି ସନ୍ତୋଷ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଯାଜପୁରରୋଡର ଶାଖା ପରିଚାଳକ କାମାକ୍ଷା କିଙ୍କର ମହାନ୍ତି, ସମ୍ମାନୀତ ଅତିଥିଭାବେ ପଥରପଦା ସରପଂଚ ମଧୁସ୍ମିତା ବାରିକ, ପାଣିକୋଇଲି ସରପଂଚ ପଦ୍ମାବତୀ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ ।




# ଜଗନ୍ନାଥ ଛତୁ ଉତ୍ପାଦନ ଓ ତାଲିମ କେନ୍ଦ୍ର ଉଦ୍‌ଘାଟିତ

ସୁବର୍ଣ୍ଣପୁର,(ପି.ଏନ): ଜିଲ୍ଲାପାଳ ଶ୍ରୀମତୀ ଅବୋଲି ସୁନୀଲ ନରୱ୍ୱଣେଙ୍କ ଦ୍ୱାରା ସୋନପୁର ବ୍ଲକର ଗଡିଆଠାରେ ଏକ୍ସନ୍ ଏଡ୍ ଏସୋସିଏନ ଭୁବନେଶ୍ୱର ସହାୟତାରେ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରେଆରର ସହଯୋଗିତାରେ ୧୦ ଜଣ ଏକାକୀ ମହିଳାଙ୍କୁ ନେଇ ପରିଚାଳିତ ହେଉଥିବା ଜୟ ଜଗନ୍ନାଥ ଛତୁ ଉତ୍ପାଦନ ଓ ତାଲିମ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନ ସମୟରେ ସମ୍ମାନିତ ଅତିଥି ତଥା ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ମଲ୍ଲିକମୁଣ୍ଡା ସରପଚ ଜ୍ୟୋସ୍ନାମୟୀ ମେହେର, ରେଆରର ପ୍ରତିଷ୍ଠାତା ଗୌରୀଶ୍ୟାମ ପଣ୍ଡା, ଏକ୍ସନ ଏଡ୍ ର ପ୍ରୋଗ୍ରାମ ମ୍ୟାନେଜର ଘାସିରାମ ପଣ୍ଡା, ରେଆରର ଆଜୀବନ ସଦସ୍ୟ କରମଚାନ୍ଦ ମହାନ୍ତି, ଜୟ ଜଗନ୍ନାଥ ଛତୁ ଉତ୍ପାଦନ ଓ ତାଲିମ କେନ୍ଦ୍ରର ସଭାନେତ୍ରୀ ସରୋଜିନୀ ଭୋଇ ଓ ରେଆରର ସାଧାରଣ ସଂପାଦକ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନଙ୍ଗ ନେଗି ଉପସ୍ଥିତ ଥିଲେ । ଏହି ଅବସରରେ ଆୟୋଜିତ ସାଧାରଣ ବୈଠକରେ ଘାସିରାମ ପଣ୍ଡା ପ୍ରତ୍ୟେକ ଅସହାୟ ଏବଂ ଏକାକୀ ମହିଳାଙ୍କୁ ରୋଜଗାରର ମାଧ୍ୟମ ଦେବା ତଥା ସରକାରଙ୍କ ପ୍ରମୁଖ ସାମାଜିକ ସୁରକ୍ଷାରେ ଅନ୍ତର୍ଭୁକ୍ତ କରିବା ଏବଂ ବଜାର ବ୍ୟବସ୍ଥା ଉପଲବ୍ଧି ସହ କୃଷି ଉତ୍ପାଦକ ଗୋଷ୍ଠୀ ତିଆରି କରିବା ଏହା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିବା ପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ଶ୍ରୀମତୀ ନରୱ୍ୱଣେ ମା'ମାନଙ୍କ ପ୍ରୟାସକୁ ପ୍ରସଂଶା କରିବା ସହିତ ଗ୍ରାମାଂଚଳରେ ଏହା ଏକ ପ୍ରମୁଖ ଆୟର ପନ୍ଥା ହୋଇପାରିବ ବୋଲି ମତ ଦେଇଥିଲେ । ସମ୍ମାନିତ ଅତିଥି ଶ୍ରୀଯୁକ୍ତ ଦାଶ ନିରନ୍ତର ଭାବରେ ଉତ୍ପାଦନ ଓ ବ୍ୟବସାୟ ପାଇଁ ଦୃଢତାର ସହ କାମ କରିବା ତଥା ବଜାର ବ୍ୟବସ୍ଥାରେ ଧ୍ୟାନ ରଖିଲେ ସଫଳତା ହାସଲ କରିବେ ବୋଲି ଉପସ୍ଥାପନ କରିଥିଲେ । ରେଆରର ପ୍ରତିଷ୍ଠାତା ଗୌରୀଶ୍ୟାମ ପଣ୍ଡା ଉଦ୍ୟୋମିତା ତାଲିମ ଏବଂ ବଜାର ବ୍ୟବସ୍ଥାକୁ ଗୁରୁତ୍ୱାରୋପ କରିଥିବା ବେଳେ କଂଚାମାଲର ମହଜୁଦ୍ ତଥା ଗୋଷ୍ଠୀର ମିଳିତ ଉଦ୍ୟମରେ ଦଳ ସଫଳତା ହାସଲ କରିବ ବୋଲି କହିଥିଲେ । ସଭାନେତ୍ରୀ ଶ୍ରୀମତୀ ଭୋଇ ଏହି କାର୍ଯ୍ୟକ୍ରମ ଏକତ୍ରିତ ହୋଇ ଆଗକୁ ବଢିବା ତଥା ପରିବାର ପୋଷଣର ସହାୟକ ହେବ ବୋଲି କହିଥିଲେ । କାର୍ଯ୍ୟକ୍ରମ ଅବସରରେ ଏକ୍ସନ୍ ଏଡ୍ ତରଫରୁ ପୂର୍ବରୁ ଦିଆଯାଇଥିବା ମହିମା ଛତୁ ଉତ୍ପାଦନ ଓ ତାଲିମ କେନ୍ଦ୍ରରର ସଂପାଦିକା ଗୌରୀ ଝାଙ୍କର ଓ ବ୍ୟକ୍ତିଗତ ସହାୟତା ପାଇଥିବା ଅଞ୍ଜୁ ମହାଲିଙ୍ଗ୍ ତାଙ୍କ ସଫଳତାର କାହାଣୀ ଉପସ୍ଥାପନ କରିଥିଲେ । ବୈଷୟିକ ପର୍ଯ୍ୟାୟରେ ଘାସିରାମ ପଣ୍ଡାଙ୍କ ଦ୍ୱାରା ସାମାଜିକ ସୁରକ୍ଷା ଯୋଜନା ଏବଂ ଜୀବନ ଜୀବିକା ପାଇଁ ରହିଥିବା ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନ, ମିଶନ ଶକ୍ତି ଏବଂ ମିଶନ କ୍ଷମତା ସମ୍ପର୍କରେ ବିସ୍ତୃତ ସଚେତନତା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଏକ୍ସନ ଏଡ୍ ର ବାଲ୍ୟ ବିବାହ ପରାମର୍ଶଦାତା ରାକେଶ ପ୍ରଧାନ, କାର୍ଯ୍ୟକ୍ରମ ସଂଯୋଜକ ସୁଶାନ୍ତ ସା', ଝରଣା ପଟ୍ଟନାୟକ, ଦେବେନ୍ଦ୍ର ପୋଢ, ମିତ୍ରଭାନୁ ମଲ୍ଲିକ୍, ଅଶୋକ ଝାଙ୍କର ଓ ମିତ୍ରଭାନୁ ମଲ୍ଲିକ ସହଯୋଗ କରିଥିବା ବେଳେ ଅନଙ୍ଗ ନେଗି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ଘଟଗାଁ ତହସିଲ୍ କାର୍ଯ୍ୟାଳୟରେ କର୍ମଚାରୀ ଅଭାବକୁ ନେଇ ବଢି ଚାଲିଛି ଦୁର୍ନୀତି

ଘଟଗାଁ,(ପି.ଏନ): କେନ୍ଦୁଝର ଜିଲ୍ଲା ସଦର ଉପଖଣ୍ଡ ଅନ୍ତର୍ଗତ ଆଦିବାସୀ ବହୁଳ ଘଟଗାଁ ବ୍ଲକର ୨୭ଟି ଗ୍ରାମପଞ୍ଚାୟତର ଜନସାଧାରଣଙ୍କ ଜମି ଚିହ୍ନଟ ବିକ୍ରି ଓ ଖରିଦ କରିବା ସହିତ ପଟ୍ଟା ପ୍ରଦାନ, ବାସିନ୍ଦା, ଆୟ, ଜାତିଗତ ପ୍ରମାଣ ପତ୍ର ଏବଂ ଦୈବୀ ଦୁର୍ଘଟଣା, ଦୁର୍ବିପାକ, କ୍ଷୟକ୍ଷତି ଆଦି ସାହାଯ୍ୟ ଯୋଗାଇ ଦେବାକୁ ୧୯୮୪ ମସିହାରେ ଘଟଗାଁ ତହସିଲ କାର୍ଯ୍ୟାଳୟ ସ୍ଥାପିତ ହୋଇଥିଲା । କିନ୍ତୁ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ନେଇ ବ୍ୟାପକ ଦୁର୍ନୀତି, ଅନିୟମିତତା ସହିତ ପ୍ରିୟା ପ୍ରୀତି ସହ କାର୍ଯ୍ୟ ପାଇଁ ଅର୍ଥ ଆଦାୟ କରାଯାଉଥିବା ସାଧାରଣରେ ଅଭିଯୋଗ ହେଉଛି । ଅନୁସନ୍ଧାନ କ୍ରମେ ଜଣାଯାଏ ଯେ ତହସିଲ କାର୍ଯ୍ୟାଳୟର ଆବଶ୍ୟକ କର୍ମଚାରୀ ଅଭାବ ଯୋଗୁଁ ଜଣେ ଜଣେ କର୍ମଚାରୀ ଦୁଇ ତିନୋଟି ଦାୟିତ୍ୱ ବହନ କରୁଛନ୍ତି । ଯାହାଫଳରେ ବିଭିନ୍ନ କାର୍ଯ୍ୟରେ ଆସୁଥିବା ହିତାଧିକାରୀ ନିଜ ନିଜର କାର୍ଯ୍ୟ ପାଇଁ ବାରମ୍ବାର ଦୌଡ଼ିବାକୁ ପଡିଥାଏ । ପରିଶେଷରେ କେତେକ ଅସାଧୁ କର୍ମଚାରୀମାନେ ହିତାଧିକାରୀଙ୍କ ସହିତ ଡ଼ିଲ୍ କରି ପାଟେସନ୍, ଜମିପଟ୍ଟା ପ୍ରଦାନ, ଜମି ଚିହ୍ନଟ ଓ ଡେଥ୍ କେଶ, ସାର୍ଟିଫିକେଟ ପାଇଁ ଅର୍ଥ ଆଦାୟ କରାଯାଉଛି ।

# ଅଟେଇ ସଂରକ୍ଷିତ ଜଙ୍ଗଲରେ ଜନ୍ତୁ ଶିକାରୀ, ହାତ ହତିଆର ସହ ୬ଜଣଙ୍କୁ ଗିରଫ କଲା ବନବିଭାଗ

ଘଟଗାଁ,(ପି.ଏନ): କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ଓ ଘଟଗାଁ ବନାଞ୍ଚଳରେ ମହାବଳ ବାଘ ଘୁରି ବୁଲୁଥିବା ବନବିଭାଗ ପକ୍ଷରୁ ସୂଚନା ରହିଛି । ବାଘର ଗତିବିଧି ଜାଣିବା ପାଇଁ ବନବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଟ୍ରାପ କ୍ୟାମେରା ଲାଗାଯାଇଛି । ଏଥିସହ ଅଟେଇ ସଂରକ୍ଷିତ ଜଙ୍ଗଲର ବିଭିନ୍ନ ପ୍ରବେଶ ପଥକୁ ବିଭାଗ ପକ୍ଷରୁ ସିଲ କରାଯାଇଛି । ବନ ବିଭାଗର ପେଟ୍ରୋଲିଙ୍ଗକୁ ମଧ୍ୟ କଡ଼ାକଡ଼ି କରାଯାଇଛି । ଏହାସତ୍ତ୍ୱେ ବି ଜଙ୍ଗଲ ଭିତରରେ ଶିକାରୀଙ୍କ ଅବାଧ ପ୍ରବେଶ କରୁଥିବା ଦେଖାଯାଇଛି । ପାଟଣା ବନାଞ୍ଚଳ ବଣ ମହୁଲଡିହା ନିକଟସ୍ଥ ଅଟେଇ ସଂରକ୍ଷିତ ଜଙ୍ଗଲରୁ ବନ୍ୟଜନ୍ତୁ ଶିକାର ଉଦ୍ୟମ କରୁଥିବା ସମୟରେ ୬ ଜଣଙ୍କୁ ବନ ବିଭାଗ ଗିରଫ କରିଛି । ଖବର ଅନୁଯାୟୀ ମଙ୍ଗଳବାର ଦିନ ୬ଜଣ ବନ୍ୟଜନ୍ତୁ ଶିକାରୀଙ୍କ ସହ ୧୪ଟି ଧନୁ, ୨୦ଟି କାଣ୍ଡ ତୀର ସହ ୨ଟି ଟାଙ୍ଗିଆ ଓ ଗୋଟିଏ କଟୁରୀ ବନବିଭାଗ ଜବତ କରିଛି । ସେମାନେ ବଣମହୁଲଡିହା ଗ୍ରାମର ପ୍ରଭାକର ମହାକୁଡ଼, କୈଳାଶ ମାଝୀ, ଗଣେଶ ମାଝୀ, ଲୁନା ମାଝୀ ଓ ବନବିର ଗ୍ରାମର ବୁଦ୍ଧିଆ ମୁଣ୍ଡା ଓ ପିଛୁଲାବେଡା ଗ୍ରାମର ଜଗ ମୋହନ ମୁଣ୍ଡା ବୋଲି ଜଣାପଡିଛି । ଉକ୍ତ ଗିରଫଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ବେଳେ ଘଟଣାର ଅଧିକରୁ ଅଧିକ ତଦନ୍ତ ଚଳାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି । ଅନ୍ୟପଟେ ଶିକାରୀଙ୍କ ସହ ଶିକାର ଦେଖିବାକୁ ଆସିଥିବା ୩ଜଣ ନାବାଳକଙ୍କୁ ବନାଞ୍ଚଳ କାର୍ଯ୍ୟାଳୟକୁ ଅଣାଯାଇଥିଲା । ସେଠାରେ ସେମାନେ ନିର୍ଦ୍ଦୋଷ ହୋଇଥିବା ନେଇ ସେମାନଙ୍କୁ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି ।

## ଭିନ୍ନକ୍ଷମ ନାବାଳିକା ଦୁଷ୍କର୍ମ ଉଦ୍ୟମ ଅଭିଯୁକ୍ତ କୁ ୩ ବର୍ଷ ଜେଲ ଓ ୩୦ ହଜାର ଜରିମାନା

କନ୍ଧମାଳ ,(ପି.ଏନ): ଫୁଲବାଣୀ ଫାଷ୍ଟ ଟ୍ରାକ ପୋକ୍ସୋ କୋର୍ଟ ବିଚାରପତି ଭାସ୍କର ଚନ୍ଦ୍ର ସାହୁ, ଜଣେ ୧୭ ବର୍ଷ ର ଶାରିରୀକ ଅକ୍ଷମ ନାବାଳିକା କୁ ଦୁଷ୍କର୍ମ ଉଦ୍ୟମ ମାମଲା ର ୧୨ ଜଣ ସାକ୍ଷୀ, ଓ ପିଡିତାଙ୍କ ବୟାନ ଆଧାର ର୍ବିଚାର କରି ବଶିଷ୍ଠ ଦିଗାଲ (୩୫) କୁ ଦୋଷୀ ସାବ୍ୟସ୍ତ କରି ୩ବର୍ଷ ସଶ୍ରମ କାରାଦଣ୍ଡ ସହ ୩୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ ଆଉ ଅଧିକ ୩ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ତାଙ୍କ ରାୟ ରେ ଉଲ୍ଲେଖ କରିଛନ୍ତି । ସରକାର ଙ୍କ ତରଫ ରୁ ପୋକ୍ସୋ କୋର୍ଟ ର ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ ।ସୂଚନା ଅନୁସାରେ ପୀଡ଼ିତା ର ପିତା ମାତା ଫୁଲବାଣୀ ଡାକ୍ତରଖାନା ଯାଇଥିବାବେଳେ ପିଡିତାକୁ ଏକୁଟିଆ ଥିବାର ସୁଯୋଗରେ ଗତ ୫.୧.୨୦୧୯ ତାରିଖ ଦିନ ଅପରାହ୍ନ ୪ ଟାବେଳେ ଅଭିଯୁକ୍ତ ନିଜ ଘର ବାରଣ୍ଡା କୁ ଟାଣି ନେଇ ତା ସହ ଦୁଷ୍କର୍ମ ଉଦ୍ୟମ କରିବାକୁ ଚେଷ୍ଟା କଲାବେଳେ ପିଡିତା ଚିତ୍କାର କରିବାରୁ ତା''ର ସାଙ୍ଗ ଝିଅ ଆସିବାରୁ ଅଭିଯୁକ୍ତ ଦଉଡ଼ି ପଳାଇଥିଲା । ଏ ସମ୍ବନ୍ଧରେ ପିଡିତା ଫିରିଙ୍ଗିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଫିରିଙ୍ଗିଆ ଥାନା ପୋଲିସ ଏହି ସଂକ୍ରାନ୍ତରେ ଏକ ମାମଲା ୫/୧୯ ତା ୮.୧.୨୦୧୯ରିଖ ରେଜିଷ୍ଟ୍ରି କରି ଅଭିଯୁକ୍ତଙ୍କୁ ଗିରଫ କରି ବଶିଷ୍ଠ କୁ କୋର୍ଟ ରେ ହାଜର କରାଇଥିଲେ । ଆଜି ବିଚାରପତି ଉପରୋକ୍ତ ମାମଲାର ରାୟ ଦେଇଛନ୍ତି ।

# ଭାଇ ବୋହୁ କୁ ଧନୁ ତୀରରେ ଆକ୍ରମଣ ମାମଲାରେ ଦେଢଶୁରକୁ ଦେଢବର୍ଷ ଜେଲଦଣ୍ଡ

ମାଲକାନଗିରି,(ପି.ଏନ): ମାଲକାନଗିରି ଜିଲ୍ଲା ଫାଷ୍ଟଟ୍ରାକ କୋର୍ଟ ସହକାରୀ ଦୌରାଜର୍ଜ ଅରୂପ କୁମାର ନାୟକ ମୁଦୁଲିପଡ଼ା ଥାନା ଅଞ୍ଚଳରେ ୨୦୨୨ ମସିହା ରେ ବଣ୍ଡା ବ୍ୟକ୍ତି ଧନୁ ତୀରରେ ନିଜ ଭାଇ ବୋହୁ ଙ୍କୁ ଆକ୍ରମଣ କରିବା ମାମଲାର ଶୁଣାଣି କରି ଅଭିଯୁକ୍ତ ଦେଢଶୁର କୁ ୧ ବର୍ଷ ୬ ମାସ ର ଜେଲଦଣ୍ଡ ଓ ୧ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅଣଦେୟ ହେଲେ ଆଉ ୧ ମାସ ଦଣ୍ଡଭୋଗିବାକୁ ପଡିବ ବୋଲି ରାୟ ଶୁଣାଇଛନ୍ତି !ସୂଚନା ଅନୁଯାୟୀ ମୁଦୁଲିପଡ଼ା ଥାନା ଅନ୍ତର୍ଗତ ବଣ୍ଡା ଘାଟି ଅଣ୍ଡରା ହାଲ ଗ୍ରାମର ସମ୍ବାରି ଶିସା ଙ୍କ ଦେଢଶୁର ସନିଆ ଶିସା ଭାଇ ର ମୃତ୍ୟୁ ପରେ ନିଜ ବିଧବା ଭାଇ ବୋହୁ କୁ ବାହା ହେବାପାଇଁ ବାରମ୍ବାର କହିଆସୁଥିଲା !ହେଲେ ସେ ରାଜି ନହେବାରୁ ସମ୍ବାରି କୁ ଜୀବନରେ ମାରିଦେବା ପାଇଁ ଗତ ୨ ୧/୨ /୨ ୨ ତାରିଖ ରାତ୍ରରେ ସମ୍ବାରି ଘର ବାରଣ୍ଡାରେ ଏ କୁଟିଆ ଶୋଇଥିବା ଦେଖି ଦେଢଶୁର ସନିଆ ସେଠାକୁ ଯାଇ ଧନୁ ତୀରରେ ତାର ଛାତିକୁ ମାରିବାକୁ ଚେଷ୍ଟା କରିଥିଲା ହେଲେ ତୀର ଛାତିରେ ବାଜିବା ପରିବର୍ତ୍ତେ ଜଙ୍ଘ ରେ ବାଜିଥିଲା ଚିତ୍କାର ଶୁଣି ସମ୍ବାରି ଙ୍କ ଝିଅ ସଞ୍ଜୁ ଶିସା ବାହାରକୁ ଧାଇଁ ଆସିବାରୁ ସନିଆ ସେଠାରୁ ଯିବା ପରିବର୍ତ୍ତେ ଜୀବନରେ ମାରିଦେବାକୁ ଧମକ ଦେଇଥିଲା !ସମ୍ବାରି ଙ୍କ ଝିଅ ସଞ୍ଜୁ ଏ ସମ୍ପର୍କରେ ମୁଦୁଲିପଡ଼ା ଥାନାରେ ୨୨/୨/୨୨ ତାରିଖରେ ଏତଲା ଦେବାପରେ ମୁଦୁଲିପଡ଼ା ଥାନା କେସ ସଂଖ୍ୟା ୧୭/୨୨ ରେ ଆଇଆଇସି ହିମାଂଶୁ ଶେଖର ବାରିକ ଘଟଣାର ତଦନ୍ତ କରି ୩୨୪/୩୨୬/୫୦୬/୩୦୭ଆଇପିସି ଧାରାରେ ଅଭିଯୁକ୍ତ ଦେଢଶୁର କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ !ପୋଲିସ ପକ୍ଷରୁ ୧୨ ଜଣ ସାକ୍ଷୀ ପ୍ରଦାନ କରାଯାଇଥିବାବେଳେ ଅତିରିକ୍ତ ସର କାରୀ ଓକିଲ ରବିନାରାୟଣ ପାତ୍ର ୯ ଜଣ ସାକ୍ଷୀଙ୍କ ବୟାନ ରେକର୍ଡିଂ କରିଥିଲେ !ସାକ୍ଷୀ ଙ୍କ ବୟାନ କୁ ଆଧାର କରି ଫାଷ୍ଟଟ୍ରାକ କୋର୍ଟ ର ସହକାରୀ ଦୌର ଜର୍ଜ ଅରୂପ ନାୟକ ୩୨୪ଆଇପିସି ରେ ଅଭିଯୁକ୍ତ ସନିଆ କୁ ୧ ବର୍ଷ ୬ ମାସ, ୧ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦେୟ ହେଲେ ୧ ମାସ ଅଧିକ ଜେଲ ଦଣ୍ଡର ରାୟ ଶୁଣାଇଛନ୍ତି !

# ବୀର ଲକ୍ଷ୍ମଣପୁର ସ୍ୱୋଆଶ୍ରମ ବିଦ୍ୟାଳୟ ର ପ୍ରଥମ ବାର୍ଷିକ ଉତ୍ସବ

ମାଲକାନଗିରି, (ପି.ଏନ): ମାଲକାନଗିରି ବ୍ଲକ ବୀର ଲକ୍ଷ୍ମଣପୁର ପଞ୍ଚାୟତ ସଦର ମହକୁମାରେ ଥିବା ଆଶ୍ରମ ବିଦ୍ୟାଳୟ ର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ! ମାଲକାନଗିରି ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସସ୍ମିତା ମାଝୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ଭୁଜବଳ, ମୁଖ୍ୟବକ୍ତା ଭାବେ ସରପଞ୍ଚ ନୀଳକଣ୍ଠ ଝୋଲା, ସନମାନୀୟ ଅତିଥି ରୂପେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗଦିଶ ଶ୍ରୀଗାମ, ଜିଲ୍ଲା ପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଅନୁଗୁ, ଦେଶିଆ ନାଟ ଗୁରୁ ସଂଘ ସଭାପତି ଅନାଦି କଡ଼ା, ମଙ୍ଗଳ ବିଭାଗ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରଘୁନାଥ ନାୟକ, ପଦ୍ମଗିରି ଏସ ଏସ ଡି ହାଇସ୍କୁଲ ର ପ୍ରଧାନଶିକ୍ଷକ ଲକ୍ଷ୍ମଣ ପାଟଶାଣି, ସତିଗୁଡା କନ୍ୟାଶ୍ରମ ର ପ୍ରଧାନଶିକ୍ଷକ ଶ୍ରୀ ପାତ୍ର ଯୋଗଦେଇ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ପାଳନର ଆବଶ୍ୟକତା କଣ ରହିଛି ସେ ବିଷୟରେ କହିଥିଲେ !ଏହି ଅବସରରେ ମାଲକାନଗିରି ବ୍ଲକ ରେ ଥିବା ସମସ୍ତ ଆଶ୍ରମବିଦ୍ୟାଳୟ ର ପ୍ରଧାନଶିକ୍ଷକ ମାନେ ଉପସ୍ଥିତ ଥିଲେ !ବାର୍ଷିକ ଉତ୍ସବ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ର କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ !ପାଣ୍ଡିପାଣି ଆଶ୍ରମ ବିଦ୍ୟାଳୟ ର ସେବକ ପ୍ରଶାନ୍ତ ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ବିଦ୍ୟାଳୟ ର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ପତ୍ରି ଧନ୍ୟବାଦ ଅର୍ପଣ କରିଥିଲେ !

# କନ୍ଧମାଳ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପ୍ରଥମ ବୈଠକ ଅନୁଷ୍ଠିତ

କନ୍ଧମାଳ ,(ପି.ଏନ): ସ୍ୱତନ୍ତ୍ର ଉର୍ଣ୍ଣୟନ ପରିଷଦ କନ୍ଧମାଳ ର ପ୍ରଥମ ବୈଠକ, ଅଧ୍ୟକ୍ଷ ରଦନ ମଲ୍ଲିକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ମଲ୍ଲିକ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଲକ୍ଷ ଉଦେଶ୍ୟ ସମ୍ପର୍କରେ ବୁଝାଇ ଥିଲେ। ଉକ୍ତ ବୈଠରେ କନ୍ଧମାଳ ଜିଲ୍ଲାପାଳ ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଆସିଶି ଈଶ୍ୱର ପାଟିଲ ଯୋଗ ଦେଇ ଚଳିତ ଆର୍ଥିକ ବର୍ଷରେ କଣ କଣ କାର୍ଯ୍ୟକ୍ରମ ହାତକୁ ନିଆ ଯିବ ତାହା ଉପରେ ଆଲୋଚନା କରିଥିଲେ. ଯୋଜନା ର ସବିଶେଷ ବିବରଣୀ ଆଟିଡିଏ ର ପ୍ରକଳ୍ପ ପ୍ରଶାସକ ତଥା ସ୍ୱତନ୍ତ୍ର ଉର୍ଣ୍ଣୟନ ପରିଷଦର ନୋଡାଲ ଅଧିକାରୀ ନରେଶ ଚନ୍ଦ୍ର ଶବର ଉପସ୍ଥାପନା କରି ସାଂସ୍କୃତିକ ଗୃହ, ଜନଜାତି ହାଟ, ଦେବସ୍ଥଳୀ ର ବିକାଶ, ଜିଲ୍ଲା ଜନଜାତି ସଂଗ୍ରାଳୟ ପ୍ରତିଷ୍ଠା, ଜିଲ୍ଲା ର ଖେଳ କୁଦର ବିକାଶ, ଦକ୍ଷତା ବିକାଶ ତାଲିମ, ପ୍ରତ୍ୟେକ ବ୍ଲକ ରେ ସ୍ୱତନ୍ତ୍ର ସ୍ୱେଚ୍ଛାସେବୀ ନିଯୁକ୍ତି। ଅନେକ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇ ଥିଲେ। ସେହିଭଳି ବାଲିଗୁଡା ଆଟିଡିଏ ର ପ୍ରକଳ୍ପ ପ୍ରଶାସକ ଜିଲ୍ଲା ର ସମସ୍ତ ୧୨ ଟି ବ୍ଲକ ରୁ ଆସିଥିବା ବ୍ଲକ ମଙ୍ଗଳ ସଂପ୍ରସାର ଅଧିକାରୀ, ସମସ୍ତ କାଉନସିଲ ମେମ୍ବର ଯୋଗ ଦେଇ ନିଜ ନିଜ ମତାମତ ଦେଇଥିଲେ। ଶେଷରେ ସ୍ୱତନ୍ତ୍ର ଉର୍ଣ୍ଣୟନ ପରିଷଦ ର ଉପାଦକ୍ଷା ଶ୍ରୀମତୀ ନଳିନୀ କଂହର ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ଆଟିଡିଏ ର ବଳଭଦ୍ର ଯାନୀ, ସତ୍ୟ ପ୍ରଧାନ, କୈଳାଶ ସାହୁ, ଦିବ୍ୟ ପଟ୍ଟନାୟକ। ବୈଦ୍ୟନାଥ ଖଟୁଆ ପରିଚାଳନା ରେ ସହଯୋଗ କରିଥିଲେ।

# ରଥଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ,(ପି.ଏନ):୨୦୨୩ ମସିହା ର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ସର୍କିଟ ହାଉସ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ସମର୍ଥ ବର୍ମା ଗତ ୨୦୨୨ର ରଥଯାତ୍ରା ପ୍ରଭୁ ଙ୍କ ଆଶୀର୍ବାଦ ଓ ସମସ୍ତ ଙ୍କ ସହଯୋଗ ରେ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ପରିଚାଳିତ ହୋଇ ଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଚଳିତ ବର୍ଷ ମଧ ଅନୁରୂପ ଭାବେ ସମସ୍ତ କାର୍ଯ୍ୟ କୁ ସମ୍ମିଳିତ ଉଦ୍ୟମ ରେ ସଫଳ କରିବାକୁ ସେ ଆହ୍ୱାନ ଦେଇଥିଲେ। ବିଭିନ୍ନ ବିଭାଗ କୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ଅଗ୍ରାଧିକାର ଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ରଥକାଠ ସଂଗ୍ରହ, ରଥ ନିର୍ମାଣ, ରଥଖଳା ପରିଷ୍କାର, ରଥଯାତ୍ରା ନିମନ୍ତେ ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ରଥକପଡା ସଂଗ୍ରହ, ନୀତି ସଂପାଦନ, ରଥଟଣା, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତି କରଣ,ପାର୍କିଂ ସ୍ଥଳ,ଶାନ୍ତି ଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ ଆୟୋଜନ, ସ୍ୱେଚ୍ଛାସେବୀ ନିୟୋଜନ ଇତ୍ୟାଦି ସମ୍ବନ୍ଧ ରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗ ମାନେ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏସ ପି ଡା କନୱ୍ୱର ବିଶାଲ ସିଂ ରଥଯାତ୍ରା ପାଇଁ ଆଇନଶୃଙ୍ଖଳା ରକ୍ଷା ର ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ସହ ସମସ୍ତ କାର୍ଯ୍ୟ ର ସଫଳତା ପାଇଁ ସମ୍ମିଳିତ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।ଅସୁରକ୍ଷିତ ବିଲ୍ଡିଂ ର ଚିହ୍ନଟ ଓ କାର୍ଯ୍ୟାନୁଷ୍ଠାନ, ଅଗ୍ନି ନିର୍ବାପକ ବ୍ୟବସ୍ଥା ର ସମୀକ୍ଷା ଇତ୍ୟାଦି କୁ ଯୁଗ୍ମ ତଦନ୍ତ ମାଧ୍ୟମରେ ତ୍ୱରାନ୍ୱିତ ପାଇଁ ସେ ପରାମର୍ଶ ଦେଇଥିଲେ ।ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ମାନେ ରଥଯାତ୍ରା ର ସଫଳ ଆୟୋଜନ ପାଇଁ ବିବିଧ ମତାମତ ସହ ରଥଯାତ୍ରା କୁ ୟୁନେସ୍କୋ ଐତିହ୍ୟ ମାନ୍ୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏମ ସି ସଦସ୍ୟ ଅନନ୍ତ ତିଆଡି,ଦୁର୍ଗା ପ୍ରସାଦ ଦାସମହାପାତ୍ର, ମାଧବ ଚନ୍ଦ୍ର ପୂଜାପଣ୍ଡା, ଜଗନ୍ନାଥ ସିଂହାରୀ,ମାଧବ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଦିଲ୍ଲୀପ କୁମାର ମହାପାତ୍ର,ଶ୍ରୀମନ୍ଦିର ନିତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲ୍ଲାପାଳ ଭବତାରଣ ସାହୁ,ଅତିରିକ୍ତ ଏସ ପି ମିହିର କୁମାର ପଣ୍ଡା, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ସୁଜାତା ମିଶ୍ର ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୂଚନା ଯୋଗ୍ୟ ଯେ ଚଳିତ ବର୍ଷ ରଥଯାତ୍ରା ଜୁନ ୨୦ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଦେବସ୍ନାନ ପୂର୍ଣ୍ଣିମା ଜୁନ ୪ ତାରିଖରେ ଅନୁଷ୍ଠିତ ହେବ।

# କୋଇଡା ବିଡିଓଙ୍କ ଏତଲାରେ ତାଙ୍କ ବାପା ଗିରଫ, ଭାଇ ଫେରାର

ରାଉରକେଲା,(ପି.ଏନ): ରାଉରକେଲା ପୁଲିସ ଜିଲ୍ଲା ଅର୍ନ୍ତଗତ କୋଇଡାର ବିଡିଓ ପଲ୍ଲବୀ ରାଜ ନିଜ ପିତାଙ୍କ ବିରୋଧରେ କୋଇଡା ଥାନାରେ ଏତଲା ଦେବାରୁ କୋଇଡା ପୁଲିସି ତାଙ୍କ ପିତା ରମେଶ ଚନ୍ଦ୍ର ରାଜଙ୍କୁ ଅଟକ ରଖିଛି। ଏହି ମାମଲାରେ ବିଡିଓଙ୍କ ଭାଇ ସଂଗ୍ରାମ ରାଜ ଫେରାର ଥିବା ଜଣାପଡିଥିଲା ବେଳେ ଘଟଣା ଭିତରେ ଥିବା ବ୍ଲକର ଜୁନିଅର ଇଂଜିନିୟର ଅଭିଶେକ ପାଣିଗ୍ରାହୀଙ୍କ ଭୁମିକାକୁ ନେଇ କୋଇଡା ଅଂଚଳରେ ନାନା ଆଲୋଚନା ଚାଲିବା ସହ ଅନେକ ପ୍ରଶ୍ନ ଉଠିଛି। ଥାନାର ଏତଲା ଅନୁସାରେ ଗତକାଲି ରାତିରେ ବିଡିଓଙ୍କର ଉଭୟ ବାପ ଭାଇ କୁଆଡେ ତାଙ୍କୁ ଟଙ୍କା ମାଗିଲେ ଓ ଭାଇଙ୍କର ବିଲ ପାସ୍ ଲାଗି କହିଲେ ,ସେଥିରେ ଯୁକ୍ତି ହେବାରୁ ବାପା ତାଙ୍କୁ ବାଡେଇଥିଲେ। ସେ ନିଜର ସୁରକ୍ଷା ଲାଗି କୁଆଡେ ପାଖରେ ଥିବା ଜୁନିଅର ଇଂଜିନିୟର ପାଣିଗ୍ରାହୀଙ୍କର ସହଯୋଗ ନେବାରୁ ସେ କୁଆଡେ ମାଡର ଶିକାର ହୋଇଥିବା ଜଣାପଡିଛି । ଏହି ଘଟଣାକୁ ନେଇ ବିଡିଓ ପଲ୍ଲବୀ କୋଇଡା ଥାନାରେ ଏତଲା ଦେବାରୁ ପୁଲିସ ତାଙ୍କ ବାପା ରମେଶ ରାଜଙ୍କୁଅଟକ ରଖିଛି ଓ ଭାଇ ଫେରାର ହୋଇ ଯାଇଛି ।ଏହି ମାମଲାରେ ଜେଇ ମାଡ ଖାଇଥିଲେ ବି ଏତଲା ଦେଇ ନଥିବା ପଡିଛି । ଯଦି କଥା ଏଇଆ ଏବେ ପ୍ରଶ୍ନ ଉଠୁଛି ,ବିଡିଓ ଙ୍କର ବାପ ଭାଇ ସହ ଭଲ ସଂପର୍କ ଥିଲା, ତାଙ୍କ ମା ମଧ ତାଙ୍କ ପାଖରେ ଥିଲେ ,ଆଜିକାଲି ସେ ଭୁବନେଶ୍ୱରରେ ରହୁଥିବା କୁହାଯାଉଛି, ଭାଇର ଠିକାଦାରୀରେ ମଧ କୁଆଡେ ବିଡିଓ ସହ ଯୋଗ କରୁଥିବା କୁହାଯାଉଥିଲା, ଏତେ ସବୁ ସଂପର୍କ ପରେ ଏହି ସାଧାରଣ କଥା ଲାଗି ବାପ ଭାଇ ମିଶି ରାତି ୧୦ଟା ପରେ ବିଡିଓ ଙ୍କ ଘରେ ବାଡା ପିଟା କଲେ ,ମାଡାମ ବିଡିଓ ପୁଲିସି କିମ୍ବା ତାଙ୍କ ସ୍ୱାମୀଙ୍କର ସହଯୋଗ ନନେଇ ପାଖରେ ଥିବା ପାଣିଗ୍ରାହୀଙ୍କର କାହିଁକି ସହଯୋଗ ନେଲେ ବୋଲି ପ୍ରଶ୍ନ ହେଉଛି ଓ ବିଡିଓ କରିଥିବା ଅଭିଯୋଗ ସାଧାରଣରେ ଗ୍ରହଣୀୟ ହେଉନାହିଁ ଏନେଇ ବିଡିଓ ଙ୍କ ବାପାଙ୍କୁ ପୁଲିସି ପଚରା ଉଚରା କରିବା ବେଳେ ସେ କୁଆଡେ କହିଚନ୍ତି ଝିଅ ଯାହା କହୁଛି ସେହି ଅନୁସାରେ ମାମଲା କର , ମୁଁ ଆଉ ପରିବାର ବିଷୟରେ କଣ କହିବି ? ପୁରା ଘଟଣାକୁ ନେଇ କୋଇଡା ଠାରୁ ରାଉରକେଲା ଯାଏ ନାନା କଥା ଆଲୋଚନା ହେଉଥିବା ବେଳେ ଜୁନିୟର ଇଁଜିନିୟର ବାବୁ ସେତେବେଳେ କେଉଁଠି ଥିଲେ କଣ କରୁଥିଲେ, ବିଡିଓ ତାଙ୍କୁ କେମିତି କେତେ ବେଳେ ଡାକିଲେ ସେ ନେଇ ନାନା ପ୍ରଶ୍ନ ଉଠିଛି । ତେବେ ବିଡିଓ ପଲ୍ଲବୀ ରାଜ କୋଇଡାରେ ୩ ବର୍ଷରୁ ଅଧିକ ସମୟ ରହିଥିବା ବେଳେ ତାଙ୍କୁ ନେଇ ସେ ଅଁଚଳର ବିଧାୟକ ନାନା ପ୍ରଶ୍ନ ଉଠାଇବା ସହ କଥା ବିଧାନ ସଭାରୁ କୋଇଡା ଯାଏ ହୋ ହଲ୍ଲା କରିଥିଲେ, କୋଇଡା ବନ୍ଦ ମଧ ହୋଇଥିଲା ,ତାଙ୍କ ବଦଳି ଦାବି ମଧ ହୋଇସାରିଛି ।କିନ୍ତୁ ସରକାର ଏଯାଏ ନିରବ ରହିଥିବା ବେଳେ ଆଜି ସକାଳୁ ବିଡିଓ ଙ୍କୁ ନେଇ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି । ତେବେ ଘଟଣା ଯାହା ବି ଘଟିଛି ଉଭୟ ବାପ ,ପୁଅ ,ଝିଅ ଓ ଇଁଜିନିୟର ବାବୁ ନିଶ୍ଚୟ ସବୁ ଜାଣିଛନ୍ତି,କୋଇଡାରେ ଥିବା ଆଲୋଚନା ଏହି ଘଟଣାକୁ ଅଧିକ ଖୋରାକ ଯୋଗାଇଛି । ଏନେଇ କୋଇଡା ପୁଲିସି ଓ ପିଡିତା ବିଡିଓ ,ଜେଇ ଙ୍କୁ ଯୋଗା ଯୋଗ କରାଯାଇଥିଲେ ବି କୌଣସି ପ୍ରତିକ୍ରିୟା ମିଳିନାହିଁ ।ଘଟଣା ସଂପର୍କ କୋଇଡା ପୁଲିସି ଦଫା ୩୪୧,୩୦୭,୩୫୪,୫୦୬ରେମାମଲା ରୁଜୁ କରି ତଦନ୍ତ ଚଳାଇଛି ।

2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

पर्यवेक्षक

Bhubaneswar Friday March 31, 2023 ଭୁବନେଶ୍ୱର ଶୁକ୍ରବାର, ମାର୍ଚ୍ଚ ୩୧,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ଭଦ୍ରକ-ନୟାଗଡ଼ ଟାଉନ-ଭଦ୍ରକ ମେମୁ ଟ୍ରେନର ଶୁଭାରମ୍ଭ



ଭୁବନେଶ୍ୱର,(ପି.ଏନ): ମାନ୍ୟବର କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ତଥା ଉଦ୍ୟମିତା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ମାନ୍ୟବର କେନ୍ଦ୍ର ରେଳ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି କଟକ ରେଳ ଷ୍ଟେସନ ଠାରେ ଭଦ୍ରକ-ନୟାଗଡ଼ ଟାଉନ-ଭଦ୍ରକ ମେମୁ ଟ୍ରେନକୁ ସବୁଜ ପତାକା ପ୍ରଦର୍ଶନ କରାଇ ଶୁଭାରମ୍ଭ କରିଛନ୍ତି । ଶୁଭାରମ୍ଭ ଦିବସରେ ଏହି ଟ୍ରେନ୍ କଟକ ଷ୍ଟେସନରୁ ଯାତ୍ରା ଶୁଭାରମ୍ଭ କରିଥିବାବେଳେ ଏହାର ନିୟମିତ ସେବା ୩୧ ମାର୍ଚ୍ଚ ୨୦୨୩ ରୁ ଉଭୟ ପାର୍ଶ୍ୱରୁ ପ୍ରାରମ୍ଭ କରାଯିବ । ଏହି ଅବସରରେ ଶ୍ରୀ ବୈଷ୍ଣବ ସୂଚନା ଦେଇ କହିଛନ୍ତି ଯେ ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର ଏବଂ କଟକ ଭଳି ଗୁରୁତ୍ୱପୂର୍ଣ୍ଣ ସହର ଦେଇ ଭଦ୍ରକ ଏବଂ ନୟାଗଡ଼ ଜିଲ୍ଲା ମଧ୍ୟରେ ସିଧାସଳଖ ଟ୍ରେନ୍ ସଂଯୋଗ ରାଜ୍ୟର ପାଞ୍ଚଟି ଜିଲ୍ଲାକୁ ସଂଯୋଗ କରୁଛି ଯାହାକି ଲୋକମାନଙ୍କର ବହୁଦିନର ଆକାଂକ୍ଷାକୁ ପୂରଣ କରିବ । ଜନସାଧାରଣଙ୍କୁ ସୂଚନା ଦେଇ ଶ୍ରୀ ବୈଷ୍ଣବ ଏହା ମଧ୍ୟ କହିଛନ୍ତି ଯେ ଏହା ଉଭୟ ଭଦ୍ରକ ଏବଂ ନୟାଗଡ଼ ଜିଲ୍ଲାର ଲୋକଙ୍କ ଦୀର୍ଘ ଦିନର ଆକାଂକ୍ଷା ଥିଲା ଏବଂ ଭୁବନେଶ୍ୱର ରେଳ ଷ୍ଟେସନର ପୁନଃ ନିର୍ମାଣର ଭିତ୍ତିପ୍ରସ୍ତର ଉତ୍ସବରେ ଭଦ୍ରକରୁ ଭୁବନେଶ୍ୱର ଅଭିମୁଖେ ଏକ ନୂତନ ଟ୍ରେନ୍ ଚଳାଚଳ ପାଇଁ ଘୋଷଣା କରାଯାଇଥିଲା ଯାହାକି ବର୍ତ୍ତମାନ ପୂରଣ ହୋଇଛି ।ଏହା ବ୍ୟତୀତ ଶ୍ରୀ ବୈଷ୍ଣବ କହିଛନ୍ତି ଯେ କଟକ ଷ୍ଟେସନକୁ ବିଶ୍ୱସ୍ତରୀୟ ଷ୍ଟେସନ ଭାବରେ ନିର୍ମାଣ କରିବାକୁ ଯୋଜନା କରାଯାଇଅଛି ଏବଂ ଏଥିପାଇଁ ୩୦୩ କୋଟି ଟଙ୍କା ମଞ୍ଜୁର କରାଯାଇଅଛିମ ଶ୍ରୀ ବୈଷ୍ଣବ ଏହା ମଧ୍ୟ କହିଛନ୍ତି ଯେ ଚଳିତ ବର୍ଷ ରେଳବାଇ ରାଜ୍ୟରେ ୪୦୦ କିଲୋମିଟର ରେଳ ଲାଇନ ନିର୍ମାଣ କରିଛି ଯାହା ଏକ ରେକର୍ଡ । ଏହାପୂର୍ବରୁ, ୨୦୦୯-୧୪ ମସିହାରେ, କେବଳ ୫୦ କିଲୋମିଟର ରେଳପଥ ରାଜ୍ୟରେ ନିର୍ମାଣ କରାଯାଉଥିଲା ।ଏହି ଅବସରରେ ଯୋଗଦାନ କରି ମାନ୍ୟବର କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ତଥା ଉଦ୍ୟୋଗୀ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ଏହି ଅଞ୍ଚଳର ଜନସାଧାରଣଙ୍କ ଆକାଂକ୍ଷା ପୂରଣ କରିବା ପାଇଁ ଶ୍ରୀ ବୈଷ୍ଣବଙ୍କ ନେତୃତ୍ୱରେ ରେଳ ମନ୍ତ୍ରଣାଳୟର ତାର ପାରଦର୍ଶିତାକୁ ଏଠାରେ ରୂପାୟନ କରିଛି ଯାହାକି ଏଠାରେ ଫଳାଫଳ ଦର୍ଶାଉଅଛି ।ଶ୍ରୀ ବୈଷ୍ଣବ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସହ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଓଡ଼ିଶାର କିମ୍ବଦନ୍ତୀ ବରପୁତ୍ର ମାନଙ୍କ ଉପରେ ଡାକ ଟିକଟ ଉନ୍ମୋଚନ କରିଛନ୍ତି । ଏହି ଅବସରରେ ମାନ୍ୟବର ବିଧାୟକ ମହମ୍ମଦ ମୁକିମ ଏବଂ ସୁରଜ ସୂର୍ଯ୍ୟବଂଶୀ ମଧ ଉପସ୍ଥିତ ଥିଲେ ।

## ରାହୁଲ ଗାନ୍ଧୀଙ୍କ ସମର୍ଥନରେ ପ୍ରଦେଶ କଂଗ୍ରେସ ସେବାଦଳର ମଶାଲ ଶୋଭାଯାତ୍ରା




ଭୁବନେଶ୍ୱର ,(ପି.ଏନ): ଭାରତବର୍ଷର ରାଜନୀତିରେ କଂଗ୍ରେସର ବରିଷ୍ଠ ନେତା ତଥା ଅଖିଳ ଭାରତ କଂଗ୍ରେସ କମିଟିର ପୂର୍ବତନ ସଭାପତି ଶ୍ରୀ ରାହୁଲ ଗାନ୍ଧୀଙ୍କ ଦ୍ୱାରା ଭାରତ ଯୋଡ଼ କାର୍ଯ୍ୟକ୍ରମର ଅଭୁତପୂର୍ବ ସଫଳତା ତଥା ଜନସମର୍ଥନକୁ ଲକ୍ଷକରି ବିଜେପି ଦଳ ହତୋତ୍ସାହ ହୋଇପଡ଼ିଛି । ଯାହା ଫଳରେ ସାମାନ୍ୟ କଥାକୁ ନେଇ କୋର୍ଟ କଚେରୀ ଜରିଆରେ ରାହୁଲ ଗାନ୍ଧୀଙ୍କ ମୁହଁ ବନ୍ଦ କରିବାପାଇଁ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର କରିଛି । ଯାହାଫଳରେ କୋର୍ଟ ୩୦ ଦିନ ମହଲତ ଦେଇଥିବାବେଳେ ଅସହିଷ୍ଣୁ ବିଜେପି ସରକାରର ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଯେଉଁଭଳି ଭାବରେ ରାହୁଲ ଗାନ୍ଧୀଙ୍କ ସଂସଦ ସଦସ୍ୟ ପଦରୁ ରଦ୍ଦ କରାଗଲା, ଏହା ଅତ୍ୟନ୍ତ ଲଜ୍ୟାଜନକ । ଶ୍ରୀ ରାହୁଲ ଗାନ୍ଧୀଙ୍କୁ ସମର୍ଥନ ଜଣାଇ ପ୍ରଦେଶ କଂଗ୍ରେସ ସେବାଦଳ ପକ୍ଷରୁ ଏକ ମସାଲ ଶୋଭାଯାତ୍ରା ପ୍ରଦେଶ କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ନେତୃତ୍ୱରେ ସେବାଦଳ କର୍ମୀମାନେ କଂଗ୍ରେସ ଭବନଠାରେ ସମ୍ମିଳିତ ହୋଇ ଶୃଙ୍ଖଳାର ସହ କଂଗ୍ରେସ ଭବନଠାରୁ ମାଷ୍ଟରକ୍ୟାଂଟିନ ଛକ ପର୍ଯ୍ୟନ୍ତ ଯାଇଥିଲେ । ଏହି ଅବସରରେ ଡଃ ଜ୍ଞାନେନ୍ଦ୍ର କହିଥିଲେ ଯେ, ଆମେ ଗତ ୯ବର୍ଷ ଧରି ବିଜେପି ସରକାର ଶାସନରେ, ସାଧାରଣ ଜନତା ଯେଉଁ ହନ୍ତସନ୍ତ ହେଉଛନ୍ତି ଏହା ଭାରତ ସ୍ୱାଧୀନତାର ୭୫ ବର୍ଷ ଭିତରେ ଦେଖାଦେଇନଥିଲା । ଦେଶରେ ଏକଛତ୍ରବାଦୀ ପ୍ରଧାନମନ୍ତ୍ରୀ ଗଣତନ୍ତ୍ରର ହତ୍ୟାକରିବା ପାଇଁ ସମସ୍ତ ପ୍ରକାର ଯୋଜନାବଦ୍ଧ ଷଡ଼ଯନ୍ତ୍ର କରୁଛନ୍ତି । ଆଦାନୀ କମ୍ପାନୀଭଳି ବ୍ୟବସାୟୀଙ୍କୁ ସୁହାଇଲା ଭଳି ବ୍ୟାଙ୍କ ଋଣ କରାଇ ଭାରତବର୍ଷର ଅର୍ଥନୀତିକୁ ସଂପୂର୍ଣ୍ଣ ଧ୍ୱଂସ କରିଦେଇଛନ୍ତି । ଏହାର ପ୍ରତିବାଦ କଂଗ୍ରେସ ଦଳ ତରଫରୁ ନିରନ୍ତର ଚାଲିଛି । ଆଗାମୀ ଦିନରେ ମଧ ଚାଲିବ ବୋଲି ସେ କହିଥିଲେ । ଆଜିର କାର୍ଯ୍ୟକ୍ରମରେ ରାଜ୍ୟ ସେବାଦଳ କର୍ମକର୍ତା ଏବଂ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ବିଧାୟକ ସୁରେଶ କୁମାର ରାଉତରାୟ, ମନୋରନ ଦାଶ, ଆଡଭୋକେଟ ମନୋଜ କୁମାର ସାହୁ, ଜ୍ୟୋତିଷ କୁମାର ସାହୁ, ପ୍ରକାଶ ଜେନା, ମହମ୍ମଦ ସାହାଦୁଲ୍ଲା, କୁଳମଣି ସାହୁ, ଖଗେଶ୍ୱର ମଲ୍ଲିକ, ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ସୁଶାନ୍ତ ତ୍ରିପାଠୀ, ପ୍ରଶନ୍ନ କୁମାର ପାଇକରାୟ, କୈଳାସ ଚନ୍ଦ୍ର ସାହୁ, ପ୍ରକାଶ ନନ୍ଦ, ଅଜିତା କର, ବସନ୍ତ ପଣ୍ଡା, ରନ ଭୋଇ, କାର୍ତିକଚନ୍ଦ୍ର ସାମନ୍ତରାୟ, ଦୁର୍ଯ୍ୟୋଧନ ମହାରଣା, ନବକିଶୋର ସାଠୁଆ, ସନାତନ ସେଠୀ, ବିମଳ ଦାସ, ସୁବାଷ ମଲ୍ଲିକ ପ୍ରମୁଖ ବହୁ ସେବାଦଳ କର୍ମୀ ଅଂଶଗ୍ରହଣ କରିଥିଲେ ।

## ରେନବୋ କ୍ୟାମ୍ପରେ ବଲାଙ୍ଗିରର କୃତିତ୍ୱ

ବଲାଙ୍ଗିର, (ପି.ଏନ): ମାର୍ଚ୍ଚ ୨୨ରୁ ମାର୍ଚ୍ଚ୨୬ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ ଭାରତ ସ୍କାଉଟ ଗାଇଡ୍ ଭବନରେ ରାଜ୍ୟ ସ୍ତରୀୟ ରେନବୋ କ୍ୟାମ୍ପ ଇନ୍ଦ୍ରଧନୁ ଶିବିରରେ ବଲାଙ୍ଗିର ଜିଲ୍ଲାର ୧୭ ସ୍କାଉଟ ଗାଇଡ୍ ଗାଇଡ୍ କ୍ୟାପନେଟ୍ କସ୍ତୁରୀ ରଥ ଏବଂ ସ୍କାଉଟ ମାଷ୍ଟର ବିନୋଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଯୋଗ ଦେଇଛନ୍ତି । ସେଠାରେ ପ୍ରାୟତଃ ଆଠ ଶହ ସ୍କାଉଟ ଗାଇଡ୍ ଯୋଗ ଦେଇଥିଲେ । ସେଠାରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାରେ ବଲାଙ୍ଗିରର ସ୍କାଉଟ୍ ଗାଇଡ୍ ସକ୍ରିୟ ଭାବରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି । ପେପର କ୍ରାଫ୍ଟ ରେ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟର ପୂଜା ସେଠ ଓ ରତ୍ନି ରଣା ସ୍ୱର୍ଣ୍ଣ, ରଙ୍ଗୋଲିରେ ପୂଜା ସେଠ୍, ରୌପ୍ୟ, ର୍ୟାମ୍ପ ସୋ ରେ ରଶ୍ମିତା ମେହେର ରୌପ୍ୟ, ଅର୍ପିତା ହୋତା ତଥା ଅନ୍ୟ ୮ ଜଣ ସ୍କାଉଟ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ ।

## ସାହିତ୍ୟର ସୃଜନଶୀଳ ଚେତନା ଜଗତକୁ ଆଲୋକିତ କରୁଥିବ ସବୁବେଳେ

ବଲାଙ୍ଗୀର ,(ପି.ଏନ): ସରସ୍ୱତୀ,ଶାରଦାଙ୍କ ଆଶିର୍ବାଦ ସବୁ କାଳରେ ମଣିଷସମାଜପାଇଁ ରହିଛି । ସେଇ ସୃଜନଶୀଳ ଚେତନା ମଣିଷର ଚେତନାକୁ ଆନ୍ଦୋଳିତ କରେ । ମାନସିକତାରେ ପରିବର୍ତ୍ତନ ଆସିଲେ ସମସ୍ତଙ୍କର ଜୀବନ ନୂତନ ଧାରା ଆଡକୁ ଆଗେଇଯାଏ । ଆଲୋକର ଚେତନା ଜଗତର ଆଗାମୀକୁ ଆଲୋକିତ କରେ ବୋଲି ମତ ଦେଇଛନ୍ତି ବଲାଙ୍ଗିର ଜିଲ୍ଲାସ୍ତରୀୟ ପୁସ୍ତକ ମେଳାର ପଂଚମ ସଂଧ୍ୟାର ବରେଣ୍ୟ ଅତିଥି ପଦ୍ମଶ୍ରୀ ବିଦ୍ୟା ବାଚସ୍ପତି ଡକ୍ଟର ଶ୍ରୀନିବାସ ଉଦଗାତା । ।ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଂଧ୍ୟାକାଳିନ ସଭାରେ ବରେଣ୍ୟ ଅତିଥି ଭାବରେ ପଦ୍ମଶ୍ରୀ ବିଦ୍ୟା ବାଚସ୍ପତି ଡକ୍ଟର ଶ୍ରୀନିବାସ ଉଦଗାତା, ବଲାଙ୍ଗୀର ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଲିକା ସାହୁ । ଜିଲ୍ଲା ଲେଖକ ପରିଷଦ ର ଉପସଭାପତି ମୁରଲୀଧାରୀ ପତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲା ଲେଖକ ପରିଷଦ ର ଉପସଭାପତି ଦେବେନ୍ଦ୍ର ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକ ଶ୍ରୀ ଜୟଦେବ ପାଣିଗ୍ରାହୀ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ବରେଣ୍ୟ ଅତିଥି ବଲାଙ୍ଗୀର ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଲିକା ସାହୁ ରାଜ୍ୟ ସରକାରଙ୍କ ପୁସ୍ତକ ମେଳା ଯୋଜନାକୁ ପ୍ରଶଂସା କରି ପାଠକ ଓ ଲେଖକ ମଧ୍ୟରେ ପୁସ୍ତକ ଏକ ଯୋଗାଯୋଗର ସେତୁ ବୋଲି କହିଥିଲେ ।ଗୋପାଳ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଅବସରରେ ସାଂପ୍ରତିକ ପରିସ୍ଥିତିରେ ପାଠକୀୟ ଅଭିରୁଚି ବିଷୟରେ ଅନୁଷ୍ଠିତ ଆଲୋଚନାଚକ୍ର ରେ ପ୍ରେମଚାନ୍ଦ ମହାନ୍ତି ଓ ବିଭୁକଲ୍ୟାଣ ଗଡତିଆ ନିଜର ମତ ଉପସ୍ଥାପନ କରିଥିଲେ । ପରେ ଆଶ୍ମି ମିଶ୍ର ଙ୍କ ଲୋକନୃତ୍ୟ, ଲିଟିଲ ଫ୍ଲାୱାର, ସ୍କୁଲର ଲୋକନୃତ୍ୟ ,ଓଡ଼ିଶା ଆଦର୍ଶ ବିଦ୍ୟାଳୟ ର ଲୋକନୃତ୍ୟ ଓ ଗଂଜାମ ର ଯୋଡିଶଂଖ ପରିବେଷଣ କରାଯାଇଥିଲା ।ରିଙ୍କି ତ୍ରିପାଠୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଚମ୍ପୁଆ ଏନଏସି ଦ୍ୱାରା ଡ୍ରୋନ ସର୍ଭେ : ସାହେବ ବନ୍ଧର ହେବ ପୁନଃରୁଦ୍ଧାର

ଚମ୍ପୁଆ, (ପି.ଏନ): ଚମ୍ପୁଆ ଏନଏସି ପକ୍ଷରୁ ଆଜି ଚମ୍ପୁଆ ମୂଖ୍ୟାଳୟ ଠାରେ ଥିବା ସାହେବ ବନ୍ଧ ର ପୁନଃରୁଦ୍ଧାର ପାଇଁ ଡ୍ରୋନ ସାହାଯ୍ୟରେ ସର୍ଭେ କାର୍ଯ୍ୟ ଆରମ୍ଭ କରାଯାଇଛି । ବନ୍ଧର ପୁନଃରୁଦ୍ଧାର ସହିତ ବନ୍ଧ ର ଚତୁର୍ପାର୍ଶ ସୌନ୍ଦର୍ଯ୍ୟ କରଣ କରାଯାଇ ବନ୍ଧର ନବକଳେବର ପାଇଁ ଯୋଜନା ରହିଥିବାବେଳେ ମୁକ୍ତା ଯୋଜନାରେ ଏହାର ପରିସର ଜବର ଦଖଲ ମୁକ୍ତ କରାଯିବା ସହ ଏହାକୁ ଆକାର୍ଷଣୀୟ କରିବାକୁ ଯୋଜନା କରାଯାଇଥିବା ଜଣା ପଡିଛି । ଚମ୍ପୁଆ ବଜାର ର ଆବର୍ଜନା ବର୍ଷାରେ ଭାସି ଆସି ଏହି ବନ୍ଧ ରେ ଜମା ହୋଇ ରହୁଥିଲା । ତେବେ ବଜାର ର ଅଧିକାଂଶ ଲୋକ ବିଭିନ୍ନ କାର୍ଯ୍ୟରେ ଏହି ବନ୍ଧକୁ ବ୍ୟବହାର କରୁଥିବାରୁ ଏହାର ପୁନରୁଦ୍ଧାର ପାଇଁ ଏନଏସି ତରଫରୁ ଯୋଜନା କରାଯାଇଥିବା ବେଳେ ଆଜି ଚମ୍ପୁଆ ଏନଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଧାକର ଦାସ ପ୍ରମୁଖଙ୍କ ଉପସ୍ଥିତିରେ ଏହି ସାହେବ ବନ୍ଧର ପୁନଃରୁଦ୍ଧାର ପାଇଁ ଶୁଭ ପଡିବା ସହିତ ଡ୍ରୋନ ସାହାଯ୍ୟରେ ଏହାର ସର୍ଭେ କାର୍ଯ୍ୟ ଆରମ୍ଭ କରାଯାଇଥିବା ଜଣା ପଡିଛି ।

## ସରସ୍ୱତୀ ଶିଶୁ ମନ୍ଦିରର ଦ୍ୱାଂବିଶତମ ବାର୍ଷିକ ଉତ୍ସବ



ଗୋପାଳପୁର,(ପି.ଏନ): ବୟାଳିଶମୌଜା ବେଂଟକାର ସ୍ଥିତ ସରସ୍ୱତି ଶିଶୁ ମନ୍ଦିରର ଦ୍ୱିଦିବସୀୟ ଦ୍ୱାବିଂଶତମ ସମାବର୍ତନ ଉତ୍ସବ ବିଦ୍ୟାଳୟ ପ୍ରାଙ୍ଗଣରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବର ଉଦ୍ଘାଟନୀ ଦିବସରେ ବିଜୟ ଭୂଷଣ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କଟକସଦର ଉପଜିଲ୍ଲାପାଳ କମଳଜିତ୍ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର କଟକ ଜିଲ୍ଲା ପ୍ରଭାରୀ ସତ୍ୟ ସୁନ୍ଦର ଷଡଙ୍ଗୀ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ସଂସ୍କାର ପ୍ରଦାନ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ବୟାଳିଶମୌଜାରେ କୃଷି କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବେଂଟକାର ଗ୍ରାମର ସଫଳ କୃଷକ ଦିଲ୍ଲିପ କୁମାର ମହାପାତ୍ରଙ୍କୁ ଗୁନନିଧିମହାନ୍ତି ସ୍ମାରକୀ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବା ବେଳେ କୂଳସରିଚୂଆଁ ଗ୍ରାମର ସଫଳ କ୍ରୀଡାବିତ୍ ଅଶୋକ ମହାପାତ୍ରଙ୍କୁ ସ୍ୱାଧିନତା ସଂଗ୍ରାମୀ ଭ୍ରମରବର ବେହେରା ସ୍ମାରକୀ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ରାଉତରାପୁର ବରିଷ୍ଠ ପାଲାଗାୟକ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ନାଟ୍ୟକାର ମନୋରଂଜନ ଦାସ ସ୍ମାରକୀ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଉତ୍ସବର ଉଦ୍ଯାପନୀ ଦିବସରେ ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନିରାମୟ ଯୋଜନାର ରାଜ୍ୟ ଉପଦେଷ୍ଟା ରଂଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଡି.ଆର.ଡି.ଏ ଉପାଧ୍ୟକ୍ଷା ସୁଭଦ୍ରା ଦାସ ,ସାହିତ୍ୟକ ଅକ୍ଷୟ ମହାନ୍ତି,ପ୍ରାଚିପ୍ରଜ୍ଞା ପରିଷଦର ମ୍ୟାନେଜିଂଙ୍ଗ ଟ୍ରଷ୍ଟି ଅଶ୍ୱନୀ କୁମାର ମହାପାତ୍ର,ଦଧିଚି ଗ୍ରୁପ ଅଫ ଇନଷ୍ଟିଚ୍ୟୁଟର ପରିଚାଳନା ନିର୍ଦ୍ଦେଶକ ମନୋଜ ଦାଶ ପ୍ରମୁଖ ଯୋଗ ଦେଇ ଛାତ୍ର ଗଠନରେ ଅଭିଭାବକଙ୍କ ଭୂମିକା ଉପରେ ଆଲୋକପାାତ କରିଥିବା ବେଳେ ମନୋରଂଜନ ଶତପଥି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଶିଶୁମନ୍ଦିରର ଚଳିତ ବର୍ଷର ସର୍ବୋତମ ଛାତ୍ରୀ ରଂଜିତା ମହାପାତ୍ରଙ୍କୁ ସମ୍ବର୍ଦ୍ଧୀତ କରାଯାଇଥିଲା । କୃତି ଛାତ୍ରଛାତ୍ରୀ ପୁରସ୍କୃତ କରାଯିବା ସହିତ ଚଳିତ ବର୍ଷର ଶ୍ରେଷ୍ଠ ଅଭୀଭାବକ/ଅଭିଭାବିକା ବିଶ୍ୱମୋହାନ ଜେନା ଓ ନୀଳୀମା ଜେନା ଙ୍କୁ ସମ୍ବର୍ଦ୍ଧୀତ କରାଯାଇଥିଲା । ସମାଜସେବୀ ବିଦ୍ୟାଧର ପାତ୍ରଙ୍କୁ ଗଗନ ମହାନ୍ତି ସ୍ମାରକୀ ସମ୍ବର୍ଦ୍ଧନା , ସମାଜସେବୀ ଅର୍ଜ୍ଜୁନ ଚରଣ ମୁଦୁଲିଙ୍କୁ ବୟାଳୀଶମୌଜା ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ନାଟକ "ବାପାଙ୍କ ସ୍କୁଟର" ଏବଂ "ସଂସ୍କାର" ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା । ଉଦ୍‌ଘୋଷକ ଚିଂଟୁ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଦିପ୍ତିରଂଜନ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ ଗୁରୁଜୀଗୁରମା କାର୍ଯ୍ୟକ୍ରମରେ ସହେଯାଗ କରିଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray